**ମହାଶିବରାତ୍ରୀରେ ଅଘଟଣ**

# ଶାଢ଼ିରେ ଦୀପ ନିଆଁ ଲାଗି ମହିଳା ଗୁରୁତର

**ବ୍ୟାସନଗର,୧୫।୨(ସମିସ):** ପବିତ୍ର ମହାଶିବରାତ୍ରୀ ପାଳନ ବେଳେ ଅସାବଧାନତା ଯୋଗୁଁ ପ୍ରତିବର୍ଷ ଅନେକ କ୍ଷୟକ୍ଷତି ହୋଇଥାଏ। ତଥାପି ଆମେ ଏସବୁକୁ ଭୃକ୍ଷେପ ନକରିବା ଆମ ପାଇଁ ବୁମେରାଂ ହେଉଛି। ସୂଚନାଯୋଗ୍ୟ ଯେ ଆଜି ଦେଶରେ ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ପାଳନ ହେଉଥିବା ବେଳେ ଅନେକ ଶ୍ରଦ୍ଧାଳୁ ଉଜାଗର ରହି ଦୀପ ଜାଳି ନିଜ ମାନସିକ ପୂରଣ ପାଇଁ ମହାଦେବଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି। ତେବେ ଏହି ଉତ୍ସବ ପାଳନ ବେଳେ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ମହାପ୍ରଭୁ ଝାଡ଼େଶ୍ୱର ପୀଠରେ ଅଘଟଣ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଲକ୍ଷ୍ମୀନଗର ପଞ୍ଚାୟତ ରାଧାନଗର ଗ୍ରାମର ରଞ୍ଜନ କୁମାର ସାହୁଙ୍କ ଧର୍ମପତ୍ନୀ ସୁଜାତା ସାହୁ (୩୦) ଏହି ମନ୍ଦିରରେ ମହାଦେବଙ୍କ ଦର୍ଶନ କରୁଥିବା ବେଳେ ନିକଟରେ ଥିବା ଘିଅ ଦୀପରୁ ନିଆଁ ତାଙ୍କ ପିନ୍ଧା ଶାଢ଼ିରେ ଲାଗିଯାଇଥିଲା। ତେବେ କେହି କିଛି ଭାବିବା ପୂର୍ବରୁ ନିଆଁ ହୁତୁ ହୁତୁ ହୋଇ ଜଳିଥିଲା। ଉପସ୍ଥିତ ସ୍ଥାନୀୟ ଭକ୍ତଙ୍କ ସହଯୋଗ ଫଳରେ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ସୁଜାତାଙ୍କ ଶରୀରର ପ୍ରାୟ ୩୦ ପ୍ରତିଶତ ପୋଡ଼ି ହୋଇଯାଇଥିଲା। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ସୁଜାତାଙ୍କୁ ସ୍ଥାନୀୟ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି।

# ସିଏନ୍‌ଜି ଟାଙ୍କି ଫାଟି ଗ୍ୟାସ୍ ଲିକ୍

ବ୍ୟାସନଗର,୧୫।୨(ସମିସ)



ସ୍ଥାନୀୟ ଛୋଟରାୟପୁରରେ ଥିବା ବିଜିଆରଏଲ (ଭାରତ ଗ୍ୟାସ ରିସୋର୍ସେସ ଲିମିଟେଡ)ର ସିଟି ଗ୍ୟାସ ଷ୍ଟେସନ ନିକଟରେ ଥିବା ଛୋଟରାୟପୁର ମା' ଜାଡୁଆ ଛକରେ ଏହି ଷ୍ଟେସନକୁ ସିଏନ୍‌ଜି ଗ୍ୟାସ ନେଇ ଆସିଥିବା ଓଡି୩୨ଜେ ୭୩୫୭ ନମ୍ବର ଗାଡ଼ିଟି ଏକ ଛକ ପାର ହେଉଥିବା ବେଳେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। କେହି କିଛି ବୁଝିବା ପୂର୍ବରୁ ହଠାତ୍ ଏହି ଗାଡ଼ିରେ ଯାଉଥିବା ସିଏନ୍‌ଜି ଗ୍ୟାସ ହଠାତ୍ ଲିକେଜ ହେବା ଫଳରେ ଏହି ଗାଡି ଚଳାଉଥିବା ଡ୍ରାଇଭର ଗାଡ଼ି ଛାଡ଼ି ଦୌଡିଥିଲେ। ଫଳରେ ଦଳା ଶଙ୍ଖଚିଲା ପୂର୍ତ୍ତ ବିଭାଗ ରାସ୍ତାର ଦୁଇ ପାଶ୍ୱର୍ରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। କିଛି ବଡ଼ ଅଘଟଣ ଆଶଙ୍କା କରି ସମସ୍ତ ଗାଡ଼ି ଏହି ଦୁର୍ଘଟଣା ସ୍ଥଳଠାରୁ ପ୍ରାୟ ୫୦୦ ମିଟର ଦୂରରେ ରହିଥିଲେ। ତେବେ ଖବରପାଇ ଭାରତ ଗ୍ୟାସର କୁଇକ ଆକ୍ସନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଆୟତ୍ତ କରିଥିଲେ ମଧ୍ୟ ପ୍ରାୟ ୨୦-୩୦ ମିନିଟ୍ ଧରି ବଡ଼ ବିସ୍ଫୋରଣ ପରି ଶବ୍ଦ କରି ଏହି ଗ୍ୟାସ ବାହାରକୁ ଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛୋଟରାୟପୁର ଛକରେ ଭାରତ ସରକାରଙ୍କ ଏହି ସିଟି ଗ୍ୟାସ ଷ୍ଟେସନ ହେବା ପରଠାରୁ ପ୍ରତ୍ୟେହ ଅନବରତ ଭାବେ ମିଥେନ ଗ୍ୟାସ ଛଡ଼ାଯାଇଛି। ଏହି ମାରାତ୍ମକ ଗ୍ୟାସ ସେମାନଙ୍କ ପାଇଁ ଅସହ୍ୟ ହେଉଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏନେଇ ସ୍ଥାନୀୟ କର୍ତ୍ତୃପକ୍ଷ ତିଳେମାତ୍ର ଦୃଷ୍ଟି ଦେଉନାହାନ୍ତି। ଫଳରେ ଷ୍ଟେସନ ନିକଟରେ ଭବିଷ୍ୟତରେ କିଛି ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ତେବେ ଏନେଇ ଯାଜପୁର ରୋଡ୍ ବିଜିଆରଏଲ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ ପାଇଁ ଫୋନ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନଥିଲେ।

## ସାଇବର୍ ଲୁଟେରା ଲୁଟିନେଲେ ଟଙ୍କା

**ବିଞ୍ଝାରପୁର,୧୫।୨(ସମିସ):** ଏକ ବ୍ୟାଟେରୀ କମ୍ପାନୀର କଷ୍ଟମର କେୟାର ସେଣ୍ଟରରୁ କହୁଥିବା କହି ୮୮ ହଜାର ଟଙ୍କା ଲୁଟିନେଲେ ସାଇବର୍ ଲୁଟେରା। ଏଭଳି ସାଇବର ଲୁଟର ଶିକାର ହୋଇଛନ୍ତି ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧରମପୁର ଗ୍ରାମର ବଳରାମ ଦାଶ। ଘଟଣା ଅନୁସାରେ ଗତ ଶୁକ୍ରବାର ଏକ ଅଜଣା ନମ୍ବରରୁ ବଳରାମଙ୍କ ପାଖକୁ ଫୋନ ଆସିଥିଲା। ବଳରାମ ଯେଉଁ ବ୍ୟାଟେରୀ ଇନଭର୍ଟରରେ ବ୍ୟବହାର କରନ୍ତି ଉକ୍ତ କମ୍ପାନୀର କଷ୍ଟମର କେୟାର ସେଣ୍ଟରର ପରିଚୟ ଦେଇଥିଲେ ସାଇବର୍ ଲୁଟେରା। ବ୍ୟାଟେରୀ ଭଲ କି ଖରାପ ପଚାରି ବୁଝିଥିଲେ। ପରେ ଏକ ହ୍ୱାଟ୍‌ସଆପ ନମ୍ବରରୁ ହାଏ ମେସେଜ କରି ହ୍ୱାଟ୍‌ସଆପ ମାଧ୍ୟମରେ କଲ କରି କିଛି ଲିଙ୍କରେ କ୍ଲିକ୍ କରିବା ସହିତ ସେ ଯାହା କହୁଛନ୍ତି ତାହା କରିବା ପାଇଁ କହିଥିଲେ। ତେବେ ବଳରାମ ମଧ୍ୟ ତାହା ଅନୁକରଣ କରିଥିଲେ। ତେବେ ଏତିକି କରିବା ପରେ ଫୋନ୍ କଟି ଯାଇଥିଲା। ହେଲେ ଶନିବାର ଅପରାହ୍ନରେ ନିକଟସ୍ଥ ହାଟକୁ ଆବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ଆକାଉଣ୍ଟରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଆକାଉଣ୍ଟ ଷ୍ଟେଟମେଣ୍ଟ ଚେକ୍ କରିବାରୁ ଦୁଇ ଥର ପ୍ରଥମେ ପଚାଶ ହଜାର ଏବଂ ପରେ ୩୮ ତିରିଶ ହଜାର କରି ମୋଟ ୮୮,୦୦୦ ଅଜଣା ନମ୍ବରକୁ ଫୋନ ପେ' ମାଧ୍ୟମରେ ଟ୍ରାନ୍ସଫର୍ ହୋଇ ଯାଇଥିବା ଜାଣିବାକୁ ପାଇଥିଲେ। ଲୁଟର ଶିକାର ହୋଇଥିବା ସେ ଜାଣିପାରି କେନ୍ଦ୍ରୀୟ ସାଇବର ସେଲରେ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ କରିଥିବା ଜଣାପଡିଛି। ଏହି ଭଳିଭାବରେ ସାଇବର ଠକଙ୍କ ଦ୍ୱାରା ଲୁଟର ଶିକାର ହୋଇ ଶ୍ରୀ ଦାଶ ମୁଣ୍ଡରେ ହାତଦେଇ ବସିଛନ୍ତି।

## ଟ୍ରଲି ପଛରୁ ଟ୍ରକ୍ ଧକ୍କା

ପାଣିକୋଇଲି,୧୫।୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଗ୍ରାମ ନିକଟରେ ଟ୍ରକ୍ ଧକ୍କାରେ ଟ୍ରଲି ରାସ୍ତା ତଳକୁ ଗଡି ଯାଇଥିଲେ ବି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶଯେ କବାଡିଆ ସମାଗ୍ରୀ ନେଇ ଏକ ଟ୍ରଲିରେ ବୋଝେଇ କରି ଆସୁଥିବା ବେଳେ ଯାଜପୁରରୋଡ ପଟୁ ଆସୁଥିବା ଏକ ଟ୍ରକ ତାକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଟ୍ରଲିରରେ ଥିବା ଦ୍ରବ୍ୟ ରାସ୍ତା ଉପରେ ପଡିଥିବା ବେଳେ ଟ୍ରଲିଟି ଚାଳକ ସହ ରାସ୍ତା ତଳକୁ ଖସିଯାଇଥିଲ। ହେଲେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଟ୍ରଲିର ସମାଗ୍ରୀ ରାସ୍ତା ଉପରେ ବିଛାଡି ହୋଇ ପଡିଥିବା ବେଳେ ଏହା ଏକ ବଡ ଦୁର୍ଘଟଣାର ଭ୍ରମ ସୃଷ୍ଟି କରିଥିଲା।

## ସର୍ବମଙ୍ଗଳା ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ବୈଠକ

ଯାଜପୁର ଟାଉନ,୧୫।୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ମଇଦିପୁର ସ୍ଥିତ ସର୍ବମଙ୍ଗଳା ହାଇସ୍କୁଲର ୧୯୮୮ ବ୍ୟାଚର ବୈଠକ କାର୍ଯ୍ୟକ୍ରମ ମା' ପେଟପାରି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରଛାତ୍ରୀ ଭାଗନେଇ ଥିଲେ। ପରିବେଶ ପ୍ରଦୂଷଣକୁ କିପରି ରୋକାଯାଇ ପାରିବ ସେଥିପାଇଁ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହୃଷୀକେଶ ଦାସ, ସଞ୍ଜୟ ରାଉତ, ଗୋଲକ ଯେନା, ଶୁକଦେବ ରାଉତ, ଅର୍ଜୁନ ଭୂୟାଁ, ସୁଷମା ଦାସ, ମମତା, ନମିତା, ଅନୁପମା, ଇଲା ପଣ୍ଡା ପ୍ରଭୃତି ଯୋଗ ଦେଇଥିଲେ।

## ରକ୍ତଦାନ ଶିବିର

କୟାଁଗୋଲା,୧୫।୨(ସମିସ): ବରିଷ୍ଠ କଂଗ୍ରେସ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ୬୨ତମ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୁଲୁ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୁଲୁ ମହାପାତ୍ରଙ୍କ ଜଣେ ବନ୍ଧୁ ପ୍ରଭାତ ନନ୍ଦ ଯୋଗଦେଇଥିଲେ। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା, ବରିଷ୍ଠ ନେତା ଶ୍ୟାମସୁନ୍ଦର କର, ସରପଞ୍ଚ ଲିପିକା ମଲିକ, ଯୁବନେତା ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କରାଯାଇଥିଲା। ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମଙ୍ଗଳପୁର ମେଡିକାଲ ଡାକ୍ତର ପ୍ରିୟଙ୍କା ପାଣିଗ୍ରାହୀ, କଟକ ରେଡ୍‌କ୍ରସର ବ୍ଲଡ ବ୍ୟାଙ୍କର ସତ୍ୟରଞ୍ଜନ ସାହୁ, ମୃତ୍ୟୁଞ୍ଜୟ ବେଜ, ଅଭିନାଶ ଦାଶ, ପ୍ରଶାନ୍ତ କୁମାର ସେଠି, ସଞ୍ଜୟ ପଣ୍ଡା, ପ୍ରକାଶ ଚନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଅନ୍ୟତମ ଅତିଥି ଭାବେ ମଙ୍ଗଳପୁର ଥାନା ଏସଆଇ ସଂକେତ ପଳାଇ, ଏଏସ୍‌ଆଇ ଜଟାଧାରୀ ଦାଶ, ସୁନୀଲ କୁମର ଦାଶ, ଅମୀୟ ପଣ୍ଡା, ଅଭିରାମ ନାୟକ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

# ନୂତନ ବୋରୱେଲର ଭିତ୍ତି ପ୍ରସ୍ତର ସ୍ଥାପନ



**ଦଶରଥପୁର,୧୫।୨(ସମିସ):** ଦଶରଥପୁର ବ୍ଲକ ଶୁଶୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଈଶ୍ୱରପୁର ଗ୍ରାମର ମଧୁଗଣେଶ ପଡିଆ ଠାରେ ଓଡିଶା ଉଠା ଜଳସେଚନ ପ୍ରକଳ୍ପର ମଧୁଗଣେଶ ପାଣି ପଞ୍ଚାୟତର ନୂତନ ବୋରୱେଲ୍ ଖୋଳା ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ସରକାରଙ୍କର ଲୋକାଭିମୁଖୀ ଯୋଜନା ଭିତରୁ ଚାଷୀଙ୍କ ପାଇଁ ଓଡ଼ିଶା ଉଠା ଜଳସେଚନ ପ୍ରକଳ୍ପ ହେଉଛି ଏକ ଅନ୍ୟତମ ଯୋଜନା। ଏହି ଅବସରରେ ବରିଷ୍ଠ ନାଗରିକ ତଥା ମଧୁ ଗଣେଶ ପାଣି ପଞ୍ଚାୟତର ସଭାପତି ରାଧାକୃଷ୍ଣ ଜେନା ନଡ଼ିଆ ଫିଟି ଏହି ନୂତନ ବୋରୱେଲର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ପାଣି ପଞ୍ଚାୟତର ସଭ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ପଲେଇ, ପ୍ରଭାତ ରାୟ, ସୁରେନ୍ଦ୍ର ସାମଲ, ମନୋଜ ପଲେଇ, ସୁବାସ ନାୟକ, କୈଳାଶ ପଲେଇ, ମନୋରଞ୍ଜନ ରଣା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ତଥା ମଧୁ ଗଣେଶ ପାଣି ପଞ୍ଚାୟତର ସଭାପତି ରାଧାକୃଷ୍ଣ ଜେନା ଏବଂ ଶୁଶୁଆ ପଞ୍ଚାୟତର ସମାଜସେବୀ ରମାକାନ୍ତ ସାମଲଙ୍କ ପ୍ରଚେଷ୍ଟାରେ ଏଠାରେ ଏହି ବୋରୱେଲଟି ହୋଇଛି ବୋଲି ଚାଷୀମାନେ କହିଥିଲେ। ଏହା ଏକ ମରୁଡ଼ି ଅଞ୍ଚଳ ହୋଇଥିବାରୁ ନୂତନ ପାଣି ପ୍ରକଳ୍ପ ଦ୍ୱାରା ଚାଷୀମାନେ ବହୁ ପରିମାଣରେ ଉପକୃତ ହେବା ସହ ବର୍ଷକ ବାର ମାସ କ୍ଷେତରେ ବିଭିନ୍ନ ପ୍ରକାର ଚାଷ ହୋଇପରିବ ବୋଲି ଚାଷୀ ମାନେ ମତବ୍ୟକ୍ତ କରିଥିଲେ।

# ନାବାଳିକାର ବେଆଇନ ଗର୍ଭପାତ ଅଭିଯୋଗ

**ବ୍ୟାସନଗର,୧୫।୨(ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ସ୍ଥାନୀୟ ଝାଟିଆସାହି ଅଞ୍ଚଳରେ ରହୁଥିବା ଜନୈକ ନାବାଳିକାକୁ ବେଆଇନ ଭାବେ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଗର୍ଭପାତ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତେବେ ସୂଚନା ଅନୁସାରେ ଯାଜପୁର ରୋଡ୍ ଝାଟିଆସାହି ଅଞ୍ଚଳରେ ଜିଲ୍ଲା ବାହାରର ଏକ ପରିବାର ଆସି ପ୍ରାୟ ୩/୪ ମାସ ରହୁଥିଲେ। ସମ୍ପୃକ୍ତ ନାବାଳିକାର ମା' ତା ବାପାକୁ ଛାଡ଼ି ପଳାଇଥିବା ବେଳେ ବାପା ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଏହାର ସୁଯୋଗରେ ସ୍ଥାନୀୟ ଅଞ୍ଚଳର କେହି ଦୁର୍ବୃତ୍ତ ଉକ୍ତ ନାବାଳିକା କନ୍ୟା ସହିତ ଶାରୀରିକ ସମ୍ପର୍କ ରଖି ତାକୁ ଗର୍ଭବତୀ କରାଇଥିଲା। ତେବେ ଘଟଣା ପ୍ରଘଟ ହୋଇଯିବା ଭୟରେ ସମ୍ପୃକ୍ତ ଦୁର୍ବୃତ୍ତ ଉକ୍ତ ନାବାଳିକାକୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଗର୍ଭପାତ ଗତ ୨ ଦିନ ତଳେ କରାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେବେ ଏନେଇ କିଛି ସ୍ଥାନୀୟ ମହିଳା ନାବାଳିକାର ଅବୈଧ ଗର୍ଭପାତ ନେଇ ସ୍ଥାନୀୟ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ ଘଟଣାକୁ ଫାଙ୍କିବା ସହିତ ମହିଳାମାନଙ୍କୁ ଯାହା କରିବାର ଅଛି କର କହି ଧମକ ଦେଇଛନ୍ତି। ଫଳରେ ସ୍ଥାନୀୟ ମହିଳାମାନେ ଯାଜପୁର ରୋଡ୍ ଆଦର୍ଶ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଏପରିକି ଉକ୍ତ ନାବାଳିକା ଏବଂ ତାର ବାପାକୁ ପୁଲିସ ଥାନାକୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଯାଜପୁର ରୋଡ୍ ଆଦର୍ଶ ଥାନାରେ ଏନେଇ କିଛି ଅଭିଯୋଗ ହୋଇନଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମମହୋତ୍ସବ

**ପ୍ରୀତିପୁର,୧୫।୨(ସମିସ):** ବିଞ୍ଝାରପୁର ବ୍ଲକ ମାଁସଡା ପଞ୍ଚାୟତ ରସିକ ଛକ ନିକଟରେ ଅବସ୍ଥିତ ସତ୍‌ସଙ୍ଗ ବିହାର ବିଞ୍ଝାରପୁରର ଚତୁର୍ଥ ବାର୍ଷିକ ଉଦ୍‌ବୋଧନୀ ସ୍ମୃତି ଉତ୍ସବ ଓ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ସାହୁ, ହିରଣ୍ୟମୟ ସାହୁ, ରତନଲାଲ ଭୂୟାଁ, ଗାୟତ୍ରୀ ସାହୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପୂର୍ବାହ୍ନରେ କଟକ ସତସଙ୍ଗ ବିହାରର ପ୍ରାକ୍ତନ ସମ୍ପାଦକ ସହପ୍ରତିରତ୍ୱିକ ଡମ୍ବରୁଧର ଦାସଙ୍କ ପରିଚାଳନାରେ ଅନୁଭୂତିର ଗଳ୍ପ କାର୍ଯ୍ୟକ୍ରମରେ ସୁରେଶ ବେହେରା, ଚିତ୍ତରଞ୍ଜନ ଦାସ, ପଦ୍ମାକର ଗୁରୁ, ସବିତାରାଣୀ ଦାସ, ଶ୍ରଦ୍ଧାଞ୍ଜଳି ଦ୍ୱିବେଦୀ, ଅନୁପମା ଜେନା, ଜିତେନ୍ଦ୍ର ସାହୁ, ସୌଦାମିନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସତସଙ୍ଗ ସାଧାରଣ ସଭାରେ ବିଶ୍ୱ ସତ୍‌ସଙ୍ଗର ସମ୍ପାଦକ ପ୍ରତିରତ୍ୱିକ ଡା.ବିନାୟକ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସହପ୍ରତିରତ୍ୱିକ ତଥା କେନ୍ଦ୍ରୀୟ କର୍ମୀ ଶ୍ରୀଧରସୁନ୍ଦର ମିଶ୍ର, ଡା.ଅଜିତ ଦାସ. ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଜିଲ୍ଲାପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ଇଂ.ସୁଶାନ୍ତ କୁମାର ମିଶ୍ର, ଡା.କ୍ଷେତ୍ରବାସୀ ଥାଟୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ କେଦାରନାଥ ମହାନ୍ତି ଯୋଗଦାନ କରିଥିଲେ। ସହପ୍ରତିରତ୍ୱିକ ଡମ୍ବରୁଧର ଦାସଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି. ସଭାର ପ୍ରାରମ୍ଭରେ ଉତ୍ସବ କମିଟିର ସଭାପତି ସହପ୍ରତିରତ୍ୱିକ ଡ.ବିଜୟ କୁମାର ନାୟକ ଯୋଗଦେଇଥିଲେ।

## ଝାଡ଼େଶ୍ୱର ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର କର୍ମଶାଳା




**ଦାନଗଦି,୧୫।୨(ସମିସ):** ଦାନଗଦୀ ବ୍ଲକ ଟୋଲକନୀସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଏନ୍‌ଏସ୍‌ଏସର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଏନ୍‌ଏସ୍‌ଏସ୍ ନୋଡାଲ ଅଫିସର ସୁଦୀପ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରଞ୍ଜନ କୁମାର ସାହୁ, ଶିକ୍ଷା ବିଭାଗର ମୁଖ୍ୟ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ ଓ ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ୍ ଦେଇଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକକର୍ମଚାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଭାରସାମ୍ୟ ହରାଇ ବଲୋରୋ ଦୁର୍ଘଟଣା

**ପାଣିକୋଇଲି,୧୫।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଶେଷ ମୁଣ୍ଡରେ ଆଜି ଭାରସାମ୍ୟ ହରାଇ ଏକ ବଲୋରୋ ଦୁର୍ଘଟଣା ହୋଇଚି। ପ୍ରକାଶଯେ ପାଣିକୋଇଲି ଚାନ୍ଦପୁର ରାସ୍ତାରେ ଆସୁଥିବା ଏକ ବଲୋରୋ ଭାରସାମ୍ୟ ହରାଇ ସଂଯୋଗୀକରଣ ରାସ୍ତାର ଡିଭାଇଡର ବାଡା ଉପରକୁ ଉଠିଯାଇଥିଲା। ହେଲେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲା। ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡିଟିକୁ ଜବତ କରିଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ଧର୍ମଶାଳା,୧୫।୨(ସମିସ):** ଧର୍ମଶାଳା ବ୍ଲକ ଦେଉଳି ଗ୍ରାମର ଅଭିମନ୍ୟୁ ପାଳଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାମୟୀ ପାଳ(୬୨)ଙ୍କ ଆଜି ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ରାଜେଶ କୁମାର ପାଳ, ସମାଜସେବୀ ମିନତୀ ସାହୁ, କଂଗ୍ରେସ ନେତା କିଶାନ ପଣ୍ଡା, ପ୍ରଧାନ ଶିକ୍ଷକ ଦେବରାଜ ମିଶ୍ର, ପ୍ରମୋଦ କୁମାର ସାହୁ, ପ୍ରଫୁଲ୍ଲ କୁମାର ରାୟ, ଯୁବନେତା ଶ୍ରୀକାନ୍ତ ସାହୁ, ପ୍ରଭୁଦତ୍ତ ଜେନା, ପ୍ରକାଶ କୁମାର ବରାଳ, ଜାରକା ସରପଞ୍ଚ ସୁଦାମ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଦେଉଳି ଓ ଭାଲୁଖାଇ ଗ୍ରାମ ପରିକ୍ରମା କରାଯାଇ ବ୍ରାହ୍ମଣୀ ନଦୀରେ ଶେଷକୃତ ସମ୍ପନ୍ନ କରାଯାଇଥିଲା। ପୁଅ ଅଞ୍ଜନ ପାଳ ମୁଖାଗ୍ନି ଦେଇଥିଲେ।

## ସ୍ପିଡ୍ ସ୍କେଟିଂରେ ଦେବାଂଶଙ୍କୁ ସ୍ୱର୍ଣ୍ଣପଦକ



**ବରୀ,୧୫।୨(ସମିସ):** ଚେନ୍ନାଇର ଜବହାରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ଜାତୀୟ ସ୍ପିଡ୍ ସ୍କେଟିଂ ପ୍ରତିଯୋଗିତାରେ ଦେବାଂଶ କର କୃତିତ୍ୱ ହାସଲ କରିଛନ୍ତି। ଦେବାଂଶ ୪୦୦ ମିଟର ସ୍ପିଡ୍ ସ୍କେଟିଂରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଓ ଟ୍ରଫି ଜିତିଛନ୍ତି। ଦେବାଂଶ ହେଉଛନ୍ତି ବରୀ ବ୍ଲକ ଅନ୍ତର୍ଗତ ଇଷାଣପୁର ଗ୍ରାମପଞ୍ଚାୟତର ଶଙ୍କରାକୂଳ ଗ୍ରାମର ମଧୁସୂଦନ କରଙ୍କ ଅଣନାତି ଓ କର୍ଣ୍ଣେଲ ଅକ୍ଷୟ କୁମାର କର ଓ ବୈଜୟନ୍ତ କରଙ୍କ ନାତି ତଥା ନିରଞ୍ଜନ କର ଓ ସମାପିକା ମିଶ୍ରଙ୍କ ପୁଅ। ଦେବାଂଶଙ୍କ ଏହି ସଫଳତା ପାଇଁ ବରୀ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ଗଛକୁ ପିଟିହୋଇ ବାଇକ୍ ଚାଳକ ମୃତ

**ବ୍ରହ୍ମବରଦା,୧୫।୨(ସମିସ):** ବ୍ରହ୍ମବରଦା ଥାନା ଅଧିନସ୍ଥ ଝାଲପଡା ଗ୍ରାମର ସେକ ମଝର ଅଲ୍ଲାଙ୍କ ସାନ ପୁଅ ସାହିଲ ଅକ୍ତର (୨୫) ଘରୁ ବାଇକ ଯୋଗେଁ ବରୁଆଁ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଝାଲପଡା ଛକ ରାସ୍ତା ପାଶ୍ୱର୍ରେ ଥିବା ଗଛରେ ପିଟି ହୋଇଥିଲା। ଏହି ଦୁର୍ଘଟଣାରେ ଗୁରୁତର ହୋଇ ପଡିଥିବା ସାହିଲଙ୍କୁ ବ୍ରହ୍ମବରଦା ପୁଲିସ ସହାୟତାରେ ଯାଜପୁର ମେଡିକାଲ ପଠାଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତ୍ରୀରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ଶବ ବ୍ୟବଚ୍ଛେଦ ହୋଇ ଘରକୁ ଆସିଥିବା ବେଳେ ବ୍ରହ୍ମବରଦା ସ୍ଥିତ କବର ସ୍ଥାନରେ କବର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



# ଜଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗୋଡ଼ିପାଟିଆ ଚାମ୍ପିଅନ



କବାଟବନ୍ଧ,୧୫।୨(ସମିସ)

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କବାଟବନ୍ଧ ଗ୍ରାମପଞ୍ଚାୟତ ଅବସ୍ଥିତ ଦଳଗାଁ ଗ୍ରାମରେ ଜଳେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୭ମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ ଗୋଡିପାଟିଆ ବନାମ ବେଲଗାଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଡିପାଟିଆ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୬ ଓଭର ମ୍ୟାଚରେ ୧୦ ୱିକେଟ୍ ବିନିମୟରେ ୧୩୮ ରନ୍ ସଂଗ୍ରହ କରିଥିଲେ। ପ୍ରତିଦ୍ୱନ୍ଦୀ ଟିମ ବେଲଗାଡ଼ିଆ ଦ୍ୱିତୀୟ ଇନିଂସରେ ୧୩ ଓଭର ଖେଳି ମାତ୍ର ୯୫ ରନ୍ ସଂଗ୍ରହ କରି ଆଲ୍‌ଆଉଟ୍ ହୋଇଥିଲେ। ଗୋଡିପାଟିଆ ୫୪ ରନରେ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ସମାଜସେବୀ ମୀନତି ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ଯୁବ ସମାଜସେବୀ ମାନସ ବାରିକ, ସମ୍ବିତ ମହାନ୍ତି, ଅସିତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଜଳେଶ୍ୱର କ୍ରିକେଟ୍ କ୍ଲବ ପକ୍ଷରୁ ଦୀପକ ସ୍ୱାଇଁ, ଓମ ପ୍ରକାଶ ସ୍ୱାଇଁ, ପ୍ରଭୁ ପ୍ରବୀଣ ସ୍ୱାଇଁ, ଅମିତ ଜେନା, ଆକାଶ ସ୍ୱାଇଁ, ଶୁଭ୍ରାଂଶୁ ଦାସ, ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା ରେ ସହଯୋଗ କରିଥିଲେ।

## ମମତା ଚାରିଟେବୁଲ ଟ୍ରଷ୍ଟ ଓ ସ୍କାଉଟ୍ ଗାଇଡ୍ ପକ୍ଷରୁ ଜଳସେବା

**ପାଣିକୋଇଲି,୧୫।୨(ସମିସ):** ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ମୂଳାପାଳ ଲିଙ୍ଗେଶ୍ୱର ପୀଠରେ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମମତା ଚାରିଟେବୁଲ ଟ୍ରଷ୍ଟ ଓ ଯାଜପୁର ସ୍କାଉଟ ଗାଇଡ ଗାଇଡ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଏହା ଦୁଇଟି ସ୍ଥାନରେ କରାଯାଇଛି। ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶକ ମାନଙ୍କ ଉପବାସକୁ ଲକ୍ଷ୍ୟ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସମ୍ବାଦିକ ସୁବାସ ଧଳ ଯୋଗଦେଇ ଉଦ୍ଘାଟନ କରିଛନ୍ତି। ମମତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଯୁବ ସମାଜସେବୀ ସୌମ୍ୟରଞ୍ଜନ ଧଳ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି। ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବନମାଳୀ ଦାସ, ସମ୍ପାଦକ ଦୈତାରୀ ଧଳ, ଉପସଭାପତି ସଦାନନ୍ଦ ସାମଲ, କୋଷାଧ୍ୟକ୍ଷ ଆନନ୍ଦ ପାଳ, ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ଧଳ, ଗୋଲକ ଚନ୍ଦ୍ର ମାଝୀ, ଅଶୋକ କୁମାର ସାହୁ, ବିଷ୍ଣୁ ଚରଣ ଧଳ, ଭବ ଗଂଜନ ଧଳ, ମଦନ ମୋହନ ମାଝୀ ଶିଶୁ ମନ୍ଦିର ସଭାପତି ବୃନ୍ଦାବନ ସାହୁ ସମ୍ପାଦକ ଦିଲ୍ଲୀପ ଧଳ, ଉପସଭାପତି ଶଙ୍କର୍ଷଣ ପରିଡା ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ଗୁରୁଜୀ ସ୍କାଉଟ ଗାଇଡର ଭାସ୍କର ଗୁରୁଜୀ, ଗାଇଡ ସାଗରିକା ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହାଶିବରାତ୍ରି ପାଇଁ ସବୁଠି ଭିଡ଼

# ଜାଳିଲେ ଜାଗର, ପୂଜିଲେ ହର


ଯାଜପୁର


ପାଣିକୋଇଲି


ଧର୍ମଶାଳା


କବାଟବନ୍ଧ


ଜେନାପୁର


ଦଶରଥପୁର


କୁଆଖିଆ




ବିଞ୍ଝାରପୁର

**ଯାଜପୁର, ୧୫।୨(ସମିସ)**

ପବିତ୍ର ମହାଶିବରାତ୍ରି ଅବସରରେ ଶୈବପୀଠ ଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁ ପ୍ରଭୁ ଭୋଳାଶଙ୍କରଙ୍କୁ ଦର୍ଶନ କରିଛନ୍ତି। ରବିବାର ପ୍ରତ୍ୟୁଷରୁ ବିଭିନ୍ନ ସ୍ଥାନରେ ଶୈବପୀଠ ଗୁଡ଼ିକରେ ମହାଦେବଙ୍କର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳୁ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ଼ ଲାଗି ରହିଥିଲା। ପ୍ରମୁଖ ଶୈବପୀଠ କୁହାଯାଉଥିବା ବାବା ବେଲେଶ୍ୱରଙ୍କର ପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କର ଭିଡ଼ ଲାଗି ରହିଥିଲା। ସିଦ୍ଧେଶ୍ୱର, ଲିଙ୍ଗେଶ୍ୱର, ଗୋଧନେଶ୍ୱର, ରାଜେଶ୍ୱର, ଆଖଣ୍ଡଳେଶ୍ୱର ସମେତ ସହରର ଅନ୍ୟ ପୁରାତନ ଶୈବ ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ସମାବେଶ ଦେଖିବାକୁ ମିଳିଥିଲା। ସେହିପରି ଯାଜପୁର ସଦର ଅଞ୍ଚଳରେ ମଧ୍ୟ ଜାଗର ଯାତ୍ରା ପାଇଁ ଶୈବ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁ ଭକ୍ତ ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ସମୟରେ ସବୁ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ବିଭିନ୍ନ ମନ୍ଦିରର ନିର୍ଦ୍ଧାରିତ ସମୟ ଅନୁଯାୟୀ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ ପୁଣ୍ୟତୋୟା ବୈତରଣୀ କୂଳରେ ଥିବା ପ୍ରସିଦ୍ଧ ଶୈବ ପୀଠ ବାବା ବେଲେଶ୍ୱରଙ୍କର ଜାଗାର ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ବାବା ବେଲେଶ୍ୱରଙ୍କର ନୀତିକାନ୍ତି ଆରମ୍ଭ ହେବା ସହ ପୂଜାର୍ଚ୍ଚନା କରାଯାଇଥିଲା। ବାବା ବେଲେଶ୍ୱରଙ୍କୁ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରିକି ଏହି ବେଲେଶ୍ୱର ପୀଠରେ ଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଯଜ୍ଞରେ ଶ୍ରଦ୍ଧାଳୁ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ବିଚିତ୍ରପୁର ପଞ୍ଚାୟତରେ ଲଳିତେଶ୍ୱର ନଗରରେ ଥିବା ବାବା ଲଳିତେଶ୍ୱରାୟଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପୀଠରେ ପ୍ରବଳ ଜନସମାଗମ ଲାଗି ରହିଥିବାରୁ ଯାଜପୁର ଟାଉନ, ବ୍ରହ୍ମବରଦା ଓ ସଦର ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତାୟନ କରାଯାଇଥିଲା। ରୁଦ୍ରପୁର ପଞ୍ଚାୟତରେ ବାବା ଲୋକନାଥଙ୍କ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଲୋକନାଥ ପୀଠ ପ୍ରାଚୀନ ଶୈବ ପୀଠ ଭାବେ ପରିଚିତ। ଜାଗର ଯାତ୍ରାକୁ ଦେଖିବା ପାଇଁ ବାବାଙ୍କ ପୀଠରେ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ଏକତ୍ରୀତ ହୋଇଥାନ୍ତି। ସେହିପରି ବରୁଆଁ ଧବଳେଶ୍ୱର, ପୁରୁଷୋତ୍ତମପୁରର ଆନନ୍ଦେଶ୍ୱର, କବୀରପୁରର ବାବା ଭୁତନାଥ, ମହେଶ୍ୱରପୁରର ମୁକ୍ତେଶ୍ୱର ପୀଠ ଗୁଡ଼ିକରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୈବପୀଠରେ ବାବାଙ୍କୁ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା।

**ପାଣିକୋଇଲି:** ପବିତ୍ର ଜାଗର ବା ମହାଶିବ ରାତ୍ରି ଉପଲକ୍ଷେ ପୁରପଲ୍ଲୀଠୁ ଆରମ୍ଭ କରି ସମସ୍ତ ଶୈବପୀଠରେ ଚଳଚଞ୍ଚଳ ହୋଇଉଠିଛି। ସକାଳୁ ସକାଳୁ ଶୈବପୀଠ ଗୁଡିକରେ ଭିଡ଼ ଦେଖିବାକୁ ମିଳିଛି। ଶୈଠ ପୀଠ ଗୁଡ଼ିକରେ ଭକ୍ତ ଓ ଦର୍ଶକମାନେ ବିଭୂକୃପା ଲାଭ କରୁଛନ୍ତି। ସବୁଠି ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ଓ ଭଜନ କୀର୍ତ୍ତନ ଜାରି ରହିଛି। ମୂଳାପାଳ ସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଲିଙ୍ଗେଶ୍ୱର ପୀଠରେ ଭକ୍ତମାନେ ଦୀପ ଜାଳି ପ୍ରଭୁଙ୍କୁ ଡାକିବା ସହ ମହାଦୀପ ଉଠିବାକୁ ଅପେକ୍ଷା କରିଥିଲେ। ବାବା ଲିଙ୍ଗେଶ୍ୱରଙ୍କୁ ସୁନା ମୁକୁଟରେ ବିଭୂଷିତ କରାଯାଇଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ସିସିଟିଭି ବ୍ୟବସ୍ଥା କରାଯାଇଛି। ସକାଳୁ ପୂଜାର୍ଚ୍ଚନା କରାଯିବା ସହ ଭଜନ ପ୍ରତିଯୋଗୀତା କାର୍ଯ୍ୟକ୍ରମ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଭକ୍ତ ମାନଙ୍କ ପାଇଁ ସମୂହ ଭୋଗ ବଣ୍ଟନ ବ୍ୟବସ୍ଥା ଜାରି ରହିଛି। ରାତ୍ରି ୧୦ଟାରେ ମହାଦୀପ ଉଠିଥିଲା। ଭକ୍ତ ଓ ଦର୍ଶକଙ୍କ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଭକ୍ତ ମାନଙ୍କ ପାଇଁ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସେବା କାର୍ଯ୍ୟକ୍ରମ ଜାରିରହିଛି। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀଙ୍କ ତତ୍ୱାବଧାନରେ ସ୍କାଉଟ ଗାଇଡ ପିଲାମାନଙ୍କ ଦ୍ୱାରା ପରିଚାଳନା କମିଟିର ସହଯୋଗରେ ଭକ୍ତମାନଙ୍କ ପାଇଁ ସେବା ଯୋଗାଯାଉଛି। ସେହିପରି ପାଣିକୋଇଲି, ପଥରପଦା, ଓଚିନ୍ଦା, ମୁଲରୀ, ତାଜପୁର, ଖସାଗଡ଼ିଆ, ଧନପୁର, ନୂଆପଦା, କାଜିପାଟଣା, ଦାମୋଦରପୁର, ଅଳତିରି, ବଡବରୁଣାଇପଦା ସମେତ ସମସ୍ତ ଶୈବପୀଠରେ ଜାଗର ମହାସମାରୋହରେ ପାଳିତ ହୋଇଛି।

**ଧର୍ମଶାଳା:** ଧର୍ମଶାଳା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ବିଭିନ୍ନ ଶୈବପୀଠକୁ ଯାଇ ମହାଦେବଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଶୈବପୀଠ ଗୁଡିକରେ ଆଜି ସକାଳୁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ପହଡ଼ ଖୋଲାଯିବା ପରେ ଠାକୁରଙ୍କୁ ଦର୍ଶନ ଲାଗି ଭିଡ଼ ଲାଗିରହିଥିଲା। ସନ୍ଧ୍ୟାପରେ ବିଭିନ୍ନ ଶୈବପୀଠରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଦୀପ ଜାଳି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ଜାରକାସ୍ଥିତ ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ମହାଦେବଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ପରିଚାଳନା କମିଟି ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୌରାଣିକ ମହତ୍ୱ ବହନ କରୁଥିବା ଗୋକର୍ଣ୍ଣେଶ୍ୱର ଶୈବପୀଠରେ ମହାଦେବଙ୍କ ଦର୍ଶନ ଲାଗି ଆଜି ସକାଳୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ମହାଦୀପ ଉଠିବା ଦେଖିବା ଲାଗି ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉପବାସରେ ରହି ଅପେକ୍ଷା କରିରହିଥିଲେ। ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର, ଜାରକା ଟ୍ୟାକ୍ସିଷ୍ଟାଣ୍ଡ ନିକଟସ୍ଥ ଚନ୍ଦନେଶ୍ୱର, କୋତପୁରସ୍ଥିତ ବୁଦ୍ଧଲିଙ୍ଗ ମହାଦେବ ମନ୍ଦିର, ଅଭୟପୁରସ୍ଥିତ ଜ୍ଞାନେଶ୍ୱର ମନ୍ଦିର, ମିର୍ଜାପୁରସ୍ଥିତ ପାଳେଶ୍ୱର ମନ୍ଦିର, ଚୋରମୁହାଁସ୍ଥିତ ନଣ୍ଡା ମହାଦେବ ମନ୍ଦିର, ଝାଡେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମହାଦେବ ମନ୍ଦିର, ଗଙ୍ଗେଶ୍ୱର ମହାଦେବ, ଲୋକନାଥ ମହାଦେବ ମନ୍ଦିର, ନୂଆଗାଁସ୍ଥିତ ଶିବ ମନ୍ଦିର ଓ ପଣ୍ଡୁଆସ୍ଥିତ ମହାଦେବ ମନ୍ଦିରରେ ମହାଶିବରାତ୍ରି ତଥା ଜାଗର ଯାତ୍ରାରେ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିରହିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଶୈବପୀଠରେ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ବିଭିନ୍ନ ଅଞ୍ଚଳ ତଥା ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଳବା ଅଞ୍ଜିରା, ଚକ୍ରଧର ପୁର, ଜେନାପୁର, ବୃନ୍ଦାଦେଇପୁର ଆଦି ପଞ୍ଚାୟତ ଗୁଡିକରେ ରହିଥିବା ସମସ୍ତ ମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ସୋରାଇଶ୍ୱର, ଭଦ୍ରେଶ୍ୱର, ମଧୁକେଶ୍ୱର, ରାମେଶ୍ୱର, ବାଲୁଙ୍କେଶ୍ୱର, ଭଗବତେଶ୍ୱର, ସପନେଶ୍ୱର, ବିଶେଶ୍ୱର, କଣ୍ଠେଶ୍ୱର, ଲୋକନାଥଶ୍ୱର, ବଟେଶ୍ୱର, କଠଉଣୀମଠ ଆଦି ଶୈବ ପୀଠ ଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ପ୍ରବଚନ, ଭଜନ ସନ୍ଧ୍ୟା ଓ କୁନିକୁନି ପିଲା ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ରୀତିନୀତି ଅନୁଯାୟୀ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମହାଦୀପ ଉଠିଥିଲା।

**ଜେନାପୁର:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଲେଇ ଠାରେ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଜାଗର ଯାତ୍ରା ପାଳିତ ହୋଇଛି। କାଳ ପାଞ୍ଚଟା ସମୟର ମହାଦେବଙ୍କୁ ସ୍ନାନ କରାଇ ନିତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ଆଳତି ସହିତ ପୂଜାର୍ଚ୍ଚନା ହେବାପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ପହଡ଼ ଖୋଲାଯାଇଥିଲା। ବହୁ ପରାତନ ରାଜାରାଜୁଡ଼ା ଅମଳର ଏହି ଶୈବପୀଠରେ ପ୍ରଭୁଙ୍କ ଦିବ୍ୟ ଦର୍ଶନ କରିବା ପାଇଁ ମହାଦୀପ ଉଠିଲା ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ଼ ଲାଗିରହିଥିଲେ। ସେହିପରି ଆଖପାଖ ଅଞ୍ଚଳରେ ଥିବା ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଭାବେଶ୍ୱର, ଅଷ୍ଟଶମ୍ଭୁ ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା।

**କୁଆଖିଆ:** ରସୁଲପୁର ବ୍ଲକର ବିଭିନ୍ନ ଶୈବପୀଠରେ ପବିତ୍ର ମହାଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି। ରାହାମ୍ବା ପଞ୍ଚାୟତ ଦିହକୁରାଂଶ ସ୍ଥିତ ପ୍ରସିଦ୍ଧ ଚନ୍ଦନେଶ୍ୱର ପୀଠରେ ଜାଗର ପର୍ବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃ ୩ଟାରେ ପହଡ଼ଖୋଲା, ଘଟପୂଜା, ଷୋଡ଼ଶୋପଚାର ପୂଜା ଘର୍ଷଣ ଓ ଅଭିଷେକ କରାଯାଇ ପ୍ରାତଃ ୪.୩୦ରେ କୀର୍ତ୍ତନ ଝୁଣା, ଧୂପ ଦୀପ, ଚାମର, ଜଳ ସିଞ୍ଚନ ପରେ ପ୍ରାତଃ ସମୟେ ଆରତୀ କରାଯାଇଥିଲା। ସକାଳ ୮.୩୦ରେ ଭୋଗ ମଣ୍ଡପରେ ଭୋଗ ଦିବା ୧୧ଟାରେ ରୌପ୍ୟ ବେଶ, ମଧ୍ୟାହ୍ନ ୧୨ଟାରେ ମହାପ୍ରଭୁଙ୍କ ଘର୍ଷଣ ପ୍ରସ୍ତୁତି ହୋଇ ଦିବା ୨ଟାରେ ସୂର୍ଯ୍ୟପୂଜା ଗୋପୂଜା ସନ୍ଧ୍ୟାରେ ଠାକୁରଙ୍କ ଯୋଗୀବେଶ, ସନ୍ଧ୍ୟା ୬ ଘଟିକାରେ ସଂକୀର୍ତ୍ତନ ଧୂପ, ୧୦୮ ଆରତୀ ଏବଂ ରାତ୍ର ୭ ଘଟିକାରେ ମହାଦୀପ ଉଠିଥିଲା। ରାତ୍ର ୧୨.୪୫ ମିନିଟରେ ହରିହର ମିଳନ ହୋଇ ଶିବତାଣ୍ଡବ ପାଠ, ରାତ୍ର ୧.୪୨ ମିନିଟରେ ମହାଦୀପ ଉତ୍ଥାନ ସହ ପ୍ରଭୁଙ୍କର ନିତିପ୍ରସ୍ତୁତି ହୋଇଥିବା ବେଳେ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

**ବିଞ୍ଝାରପୁର:** ପବିତ୍ର ମହାଶିବରାତ୍ରି ବିଞ୍ଝାରପୁର ଅଞ୍ଚଳରେ ଥିବା ସମସ୍ତ ଶୈବପୀଠମାନଙ୍କରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ବରୁଣେଶ୍ୱରଙ୍କ ମନ୍ଦିରରେ ଜାଗର ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାବା ବରୁଣେଶ୍ୱରଙ୍କୁ ବ୍ରାହ୍ମମୂହୁର୍ତ୍ତରୁ ଜଳରୁ ବାହାର କରାଯାଇ ପ୍ରଭାତ ଆଳତୀ, ପରେ ରୁଦ୍ରାଭିଷେକ, ବିଧିମୁତାବକ ଶୋଡଷ ଉପଚାର ପୂଜାର୍ଚ୍ଚନା, ବଡ଼ସିଂହାର ବେଶ କରାଯାଇଥିଲା। ଆଜିର ଦିନରେ ଆଖିପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କର ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ବେଳେ ରାତ୍ର ୧୦.୩୦ ଘଟିକାରେ ମହାଦୀପ ଉଠିଥିଲା। ସେହିପରି ମାଁସଡାସ୍ଥିତ ବାବା ଖରିଆଶ୍ୱର, ଗୌଡସାହିସ୍ଥିତ ବାବା କଲ୍ୟାଣେଶ୍ୱର, କଲ୍ୟାଣପୁରସ୍ଥିତ ବାବା ବରୁଣେଶ୍ୱର, ବାବା ସମଲେଶ୍ୱର, ଅରିଲୋସ୍ଥିତ ବାବା ଶ୍ୟାମେଶ୍ୱର, ରଣପୁରସ୍ଥିତ ବଟେଶ୍ୱର ଆଦି ଶୈବପୀଠମାନଙ୍କରେ ପବିତ୍ର ମହାଶିବରାତ୍ରି ପାଳନ କରାଯାଇଥିଲା।

**ସିଂହପୁର:** ସିଂହପୁର ସମେତ ବିଞ୍ଝାରପୁରର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ସମାରୋହର ପାଳନ କରାଯାଉଛି। ସିଂହପୁର ବଜାରରେ ଅବସ୍ଥିତ ଚନ୍ଦନେଶ୍ୱର, ସିଂହପୁର ସିଂହେସ୍ୱର, ଅଙ୍ଗାଲୋ ଶାମେଶ୍ୱର, ଓଲେଲ ଓଢେଶ୍ୱର ସମେତ ବିଭିନ୍ନ ଶୈବ ପୀଠରେ ଧୁମ୍‌ଧାମରେ ପାଳନ କରାଯାଉଛି। ଶାମେଶ୍ୱର ପୀଠରେ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପରିବେଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ବିଭିନ୍ନ ଶୈବପୀଠରେ କାର୍ଯକ୍ରମ କରାଯାଉଛି।

**ଦଶରଥପୁର:** ଆଜି ଦଶରଥପୁର ବ୍ଲକର ବିଭିନ୍ନ ଶୈବପୀଠମାନଙ୍କରେ ପବିତ୍ର ଜାଗର ଯାତ୍ରା ପାଳନ କରାଯାଇଛି। ବ୍ଲକର ତଳିହା, ବିରଜାପୁର, ଖଣ୍ଡରା, ଅକରପଡ଼ା, ଚମ୍ପେଇପାଳ, ଦଶରଥପୁର, କଟିକଟା, ମଲ୍ଲିକାପୁର, କନିକାପଡ଼ା, ମଙ୍ଗଳପୁର, କଯାଁ, ଖାନନଗର, ଥାଲୁକୁଡି, ପାଲଟପୁର, ଜାଫରପୁର, ବିହାରୀ, ରାହାସୋଇ, ଇଜାପୁର, ଶୁଗୁଆ, ନିଜାମପୁର, ଗୋପାଳପୁର, ଡାହାଣହତା, କସପା, ଦଉପୁର, ଅସନପୁର ଆଦି ପଞ୍ଚାୟତରେ ଥିବା ଶୈବପୀଠରେ ପ୍ରାତଃ ସମୟରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ପରେ ଜାଗର ଜଳିବାକୁ ମନ୍ଦିର ପରିସରରେ ବ୍ରତଧାରୀ ଜମାହୋଇଥିଲେ। ଆମ୍ବୁରେଇ ସ୍ଥିତ ଧବଳେଶ୍ୱର, ନୂଆଗାଁର ଗଙ୍ଗେଶ୍ୱର, ବାଳଦା ସ୍ଥିତ ସ୍ୱପ୍ନେଶ୍ୱର, ଦଶରଥପୁର ବଙ୍ଗାଳି ସାହିର ନୀଳମାଧବ ମନ୍ଦିର, ଚମ୍ପେଇପାଳ ସ୍ଥିତ କୁଆଁରେଶ୍ୱର ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ତଳିହା ପଞ୍ଚାୟତ ବୈତରଣୀ ନଦୀ ଅବବାହିକାରେ ବିଦ୍ୟମାନ ସିଦ୍ଧେଶ୍ୱର ପୀଠରେ ପ୍ରଭୁଙ୍କ ସ୍ୱତନ୍ତ୍ର ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ଲାଗିଥିଲା। ବଡ଼ି ଭୋରୁ ମହାଦୀପ ପୂଜା ପର୍ଯ୍ୟନ୍ତ ବ୍ରତଧାରୀ ମନ୍ଦିର ଛାଡି ଯାଇନଥିଲେ। ଖଣ୍ଡରା ପଞ୍ଚାୟତ ସୁଧଗୋବିନ୍ଦା ଗ୍ରାମରେ ଥିବା ସ୍ୱପ୍ନେଶ୍ୱର ମନ୍ଦିରରେ ଶତାଧିକ ସଂଖ୍ୟାରେ ଭକ୍ତ ବାବା ସ୍ୱପ୍ନେଶ୍ୱରଙ୍କୁ ପୂଜାର୍ଚ୍ଚନା କରି ଆଶିଷ କାମନା କରିଥିଲେ। ଅକରପଡ଼ା ପଞ୍ଚାୟତ ଭେଲଙ୍ଗ ସ୍ଥିତ ପ୍ରସିଦ୍ଧ ଭୀମେଶ୍ୱରଙ୍କ ପୀଠରେ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାଗର ବ୍ରତଧାରୀ ଦୀପ ଜାଳି ନିଜ ମାନସିକ ପୂରଣ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ଦିର ସଲଗ୍ନ ପଡ଼ିଆରେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଯାତ୍ରା ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଭୁ ଭୀମେଶ୍ୱରଙ୍କ ନୀତିକାନ୍ତି ପାଇଁ ସେବାୟତ ପ୍ରସନ କୁମାର ପତି, ରମେଶ ପତି, ବୃନ୍ଦାବନ ପତିଙ୍କ ତତ୍ୱାବଧାନରେ ଅନ୍ୟ ସେବାୟତ ନିୟୋଜିତ ରହିଥିଲେ। ମନ୍ଦିର କମିଟି ପକ୍ଷରୁ ଚନ୍ଦ୍ର ସ୍ୱାଇଁ, ଜଗନ୍ନାଥ ମଲ୍ଲିକ, ସଂକର୍ଷଣ ସାମଲ, ପ୍ରଭାକର ପତି, ଅନନ୍ତ କିଶୋର ସାହୁ, ସୁରେନ୍ଦ୍ର ମଲ୍ଲିକ, ସଞ୍ଜୀବ ଦାସ, ରଞ୍ଜିତ ଦାସ, ରାଧାରମ ସ୍ୱାଇଁ, ଅଶୋକ ଜେନା, ଜ୍ୟୋତିପ୍ରକାଶ କରଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଜାଗର ଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ବାବାମଣିଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼







**ରାତି ୧୨ଟାରେ ସୁନାବେଶ, ଭୋର୍ ୪ଟା ୩୦ରେ ଉଠିଲା ମହାଦୀପ**
**କନିକା ରାଜାଙ୍କ ପକ୍ଷରୁ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ**

ଭଦ୍ରକ/ଆରଡ଼ି, ୧୫।୨(ସମିସ)

ରବିବାର ପବିତ୍ର ଜାଗର ଯାତ୍ରା ପାଇଁ ଉତ୍ସବମୁଖର ହୋଇ ଉଠିଥିଲା ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ। ନିର୍ଦ୍ଧାରିତ ସମୟ ଅନୁଯାୟୀ ଭୋର୍ ୪ଟାରେ ମନ୍ଦିର ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, ପରମ୍ପରା ଅନୁଯାୟୀ କନିକା ରାଜାଙ୍କ ପକ୍ଷରୁ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପରେ ବାବାଙ୍କୁ ନୂଆ ବସ୍ତ୍ର ଲାଗି କରାଯାଇ ଦିଗମ୍ବର ବେଶରେ ପାଳିଆ ସେବାୟତ ପକ୍ଷରୁ ବଡ଼ାଭାତ(ଖେଚୁଡ଼ି ଅନ୍ନନୀତି) ଭୋଗ ଲାଗି କରାଯାଇଥିଲା। ସକାଳ ୫ଟାରୁ ରାତି ୧୨ଟା ଯାଏ ସାହାଣମେଳା ଦର୍ଶନରେ ଶ୍ରଦ୍ଧାଳୁ ଭକ୍ତମାନେ ସ୍ୱତନ୍ତ୍ର ବ୍ୟାରିକେଡ୍‌ରେ ଯାଇ ବାବାଙ୍କୁ ଦର୍ଶନ କରିଥିଲେ। ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅଗଣିତ ଭକ୍ତ ଧାଡ଼ି ଦର୍ଶନରେ ବାବାଙ୍କୁ ପୂଜାର୍ଚ୍ଚନା କରିବା ସହ ଦୀପ ଜାଳିଥିଲେ। ସନ୍ଧ୍ୟା ୬ଟାରୁ ରାତି ୧୨ଟା ଯାଏଁ ଚାରିପ୍ରହର ରୁଦ୍ରାଭିଷେକ, ଘର୍ଷଣଲାଗି ସହ ପଞ୍ଚ ଉପଚାର ନୀତି ସମ୍ପନ୍ନ ହେବା ପରେ ରାତି ୧୨ଟାରେ ଦୁର୍ଲଭ ସୁନାବେଶରେ ଦର୍ଶନ ଦେବେ ବାବା। ରାତି ୩ଟାରେ ମହାଦୀପ ସେବାୟତଙ୍କ ପକ୍ଷରୁ ପ୍ରସ୍ତୁତ ହେବା ପରେ ମହାଦୀପକୁ ଗୁପ୍ତ ଷୋଡ଼ଶ ଉପଚାରରେ ପ୍ରତିଷ୍ଠା କରାଯିବା ସହିତ ଅଗ୍ନି ସଂଯୋଗ କରାଯିବା ପରେ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଭୋର୍ ୪ଟା ୩୦ରୁ ୫ଟା ମଧ୍ୟରେ ମନ୍ଦିରଚୂଡ଼ାକୁ ମହାଦୀପ ଉଠିଥିଲା। ପୀଠରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ଲାଗି ରହିଥିବାରୁ ପୀଠରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ସହ ମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ଜଳପଥରେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ନିୟୋଜିତ ରହିଥିଲେ।

## ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ପବିତ୍ର ମହାଶିବରାତ୍ରି ଓ ଜାଗରଯାତ୍ରା ରବିବାର ପାଳିତ ହୋଇଛି। ଭକ୍ତମାନେ ଉପବାସ ରହିବା ସହ ଶୈବପୀଠ ଦର୍ଶନ କରି କାଗଜ ନିର୍ମିତ ଛତା, ଦୀପ ଦାନ କରିଥିଲେ। ବେଲପତ୍ର ପାଦୁକା ସେବନ ପୂର୍ବକ ପ୍ରଭୁଙ୍କ ଉପାସନା



କରିଥିଲେ। 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରି ଶ୍ରଦ୍ଧାଳୁମାନେ ମନ୍ଦିର ଉପରେ ପ୍ରଜ୍ୱଳିତ ମହାଦୀପକୁ ଦର୍ଶନ କରିବା ନିମନ୍ତେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଜାଗର ରହିଥିଲେ। ଏହି ଉପଲକ୍ଷେ ବିଭିନ୍ନ ଶିବ ମନ୍ଦିରକୁ ଆକର୍ଷଣୀୟଭାବେ ସଜ୍ଜିତ କରାଯାଇଥିଲା। ମୁଡ଼ାପଦାର ପ୍ରସିଦ୍ଧ ବାବା ବୈଦ୍ୟନାଥ ମନ୍ଦିର ଓ ଦାଣ୍ଡକୂଳର ବାବା ଝାଡ଼େଶ୍ୱର ମନ୍ଦିରରେ ଭଦ୍ରକ ଓ ଯାଜପୁରର ଜିଲ୍ଲାର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ରଣଜିତ୍ ପଞ୍ଚାୟତର ନୂଆନଈ ନିକଟ ଅପୂଜା ମହାଦେବ ପୀଠରେ ବିପୁଳ ସଂଖ୍ୟକ ଭକ୍ତମାନେ ବାବାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ବାବା ଶୀତିକଣ୍ଠେଶ୍ୱର, ମେଡିକାଲ ପରିସରରେ ରାମେଶ୍ୱର, ଭଣ୍ଡାରିପୋଖରୀ ବଜାରରେ ଦର୍ପେଶ୍ୱର, ଅଗେଇବେହେରାର ଆଖଣ୍ଡଳେଶ୍ୱର, ଥଇଳାର ଥାନେଶ୍ୱର ଓ ଦୁଃଖେଶ୍ୱର, ରହଣିଆର କଚେରୀଶ୍ୱର ଓ ଉତ୍ତରେଶ୍ୱର, ରାଢୋର ବିଶ୍ୱେଶ୍ୱର, ମାଳଦାର ଛୋଟେଶ୍ୱର ଓ ନୂଆମହାଦେବ, ନଗୁଆଁର ନାଗେଶ୍ୱର ଓ ଭଗେଶ୍ୱର, ଝୁଟଣାର ଅଷ୍ଟଶମ୍ଭୁ ଓ ସ୍ୱପ୍ନେଶ୍ୱର, ଦେଓପଦାର ଶୈବପୀଠ, ଝଟୁଣାର ସ୍ୱପ୍ନେଶ୍ୱର, ସାତଶୋଳାର ଅଖିଳେଶ୍ୱର, ବାରିକପୁର ମେଡିକାଲ ପରିସର ଶିବମନ୍ଦିର, ପନଖାର ନୀଳକଣ୍ଠେଶ୍ୱର, ନାଆମୀର ଧବଳେଶ୍ୱର, ପାଳଦା ଉତ୍ତରବାଡ଼ ବାବା ଜମ୍ବେଶ୍ୱର ମହାଦେବ, ଦକ୍ଷିଣବାଡ଼ ମହାଦେବ ମନ୍ଦିର, ବନ୍ଧାଳୋର ଗଡେଶ୍ୱର, ରାଜେନ୍ଦ୍ରପୁରର ସର୍ବେଶ୍ୱର, ସାରୋର ବିଘ୍ନେଶ୍ୱର ଓ ସିଦ୍ଧେଶ୍ୱର, ଶାସନର ଭାବେଶ୍ୱର, ଆକୁଳିକଣାର ବରୁଣେଶ୍ୱର, ଜଗନ୍ନାଥପ୍ରସାଦର ଲୋକନାଥେଶ୍ୱର, ଆଖୁଆପଦାର ହରପାର୍ବତୀ ଆଦି ପ୍ରସିଦ୍ଧ ଶିବ ମନ୍ଦିର ସହ ଗାଁ ଗହଳିରେ ଥିବା ସମସ୍ତ ଶିବମନ୍ଦିରରେ ବିପୁଳ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା।

## ବାରିକପୁର

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଶୈବପୀଠରେ ଭାବ ଭକ୍ତିର ସହିତ ପବିତ୍ର ଜାଗରଯାତ୍ରା ପାଳିତ ହୋଇଯାଇଛି। ସବୁଠି ହରହର ମହାଦେବ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହୋଇଛି। ବ୍ଲକର ପ୍ରସିଦ୍ଧ ଆଖୁଆପଦା ହର-ପାର୍ବତୀ ପୀଠରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପୂଜା କମିଟି ପକ୍ଷରୁ ବ୍ରାହ୍ମଣଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ ହର-ପାର୍ବତୀଙ୍କୁ ପୂଜା କରାଯାଇଛି। ରହଣିଆ ଉତ୍ତରେଶ୍ୱର ପୀଠ, ନୂଆ ମହାଦେବ ଓ ରାଢୋ ବିଶ୍ୱେଶ୍ୱର ମହାଦେବଙ୍କ ପୀଠରେ ମଧ୍ୟ ଜାଗରଯାତ୍ରା ପାଳିତ ହୋଇଛି। ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଭକ୍ତମାନେ ପୀଠରେ ପହଞ୍ଚି ମହାଦେବଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି। ପୀଠରେ ଅଭିଷେକ ପୂଜା, ବେଲପତ୍ର ଅର୍ପଣ, ଉପଚାର ପୂଜା ଅନୁଷ୍ଠିତ ହୋଇଛି। ମାଳଦା ଛୋଟେଶ୍ୱର ପୀଠ, ମଞ୍ଜୁରୀ ଅପୂଜା ମହାଦେବ ପୀଠ, ଆକୁଳିକଣା ବରଣେଶ୍ୱର ପୀଠ, ଥାନା ପରିସରରେ ଥିବା ଶୀତକଣ୍ଠେଶ୍ୱର ପୀଠରେ ମଧ୍ୟ ଜାଗର ଉତ୍ସବ ପାଳିତ ହୋଇଛି। ବ୍ରତଧାରୀ ପୁରୁଷ ଓ ମହିଳାମାନେ ମନ୍ଦିରରେ ଅଖଣ୍ଡ ଦୀପ ଦେଇ ଶିବ ଉପାସନା କରିଛନ୍ତି। ସନ୍ଧ୍ୟା ପରେ ବିଭିନ୍ନ ପୀଠରେ ହୋମଯଜ୍ଞ ସହିତ ପର୍ଯ୍ୟାୟକ୍ରମେ ମହାଦୀପ ଉଠିଛି। ଜାଗରଯାତ୍ରା ଉପଲକ୍ଷେ କେତେକ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକକଳା ପାଲା, ନାମ ସଙ୍କୀର୍ତ୍ତନ ସହିତ ଅପେରା ପ୍ରଦର୍ଶନ ହୋଇଛି।

## ତିହିଡ଼ି

ତିହିଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି (ଜାଗର) ଉତ୍ସବ ମହାସମାରୋହରେ ପାଳିତ ହେଉଛି। ବିଭିନ୍ନ ଶିବ ମନ୍ଦିରରେ ବେଶ୍ ଭିଡ଼ ଲାଗିଥିବାବେଳେ କେତେକ ଶିବ ମନ୍ଦିର ପରିସରରେ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ସହସ୍ର ଶିବଙ୍କ ଗ୍ରାମ କୁହାଯାଉଥିବା ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ଓ ଛତ୍ରପଦା ଗ୍ରାମରେ ବିଭିନ୍ନ ଶିବ ଲିଙ୍ଗ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଉଛି। ଏହି ଅଞ୍ଚଳରେ



ବିଭିନ୍ନ ସ୍ଥାନରେ ଶହଶହ ଶିବ ଲିଙ୍ଗ ଖୋଲା ଆକାଶ ତଳେ ପୂଜା ପାଉଥିବାବେଳେ ମାତ୍ର ୬ଟି ସ୍ଥାନରେ ମନ୍ଦିର ନିର୍ମାଣ ହୋଇପାରିଛି। ବରଦେଶ୍ୱର, ଭୂତେଶ୍ୱର, ତାଡ଼କେଶ୍ୱର, ବେଲେଶ୍ୱର, କଟା ମହାଦେବ, ବାଟେଶ୍ୱର ଓ ଆଳେଶ୍ୱର ଆଦି ମହାଦେବ ବେଶ୍ ଖ୍ୟାତ। ପାଟଣାସାହି, ବରେହୀସାହି, ନାୟକସାହି, ଘାଟିଆସାହି ଓ ମାଝିସାହି ଆଦି ସାହି ଲୋକେ ବହୁ ଧୁମ୍‌ଧାମରେ ପାଳନ କରୁଛନ୍ତି ଜାଗର ଯାତ୍ରା। ଏହି ପୀଠର ବିଶେଷତ୍ୱ ହେଉଛି ଯେ ଅନ୍ୟ ସ୍ଥାନଗୁଡ଼ିକରେ ମହାଦେବଙ୍କ ବାହନ ରୂପେ ବାସୁଆ ବଳଦ ପୂଜା ପାଉଥିବାବେଳେ ଏଠାରେ କିନ୍ତୁ ସିଂହ ପୂଜା ପାଉଛନ୍ତି।

ଶ୍ରଦ୍ଧାଳୁମାନେ ନଦୀରୁ ଜଳ ନେଇ ଭୂତଶ୍ୱେରଙ୍କ ଉପରେ ଢାଳିଛନ୍ତି। ଅନ୍ୟ ଶୈବପୀଠଗୁଡ଼ିକ ମଧ୍ୟରୁ ଶଙ୍ଖିଡାର ଶଙ୍କଡ଼େଶ୍ୱର, ନୂଆଶାସନର କୁମାରେଶ୍ୱର, ବାରୋ ମହାଦେବଡିହରେ ପିମ୍ପଳେଶ୍ୱର, ବାଉଁଶବାଗର ମୁକ୍ତେଶ୍ୱର, ଝିଙ୍କିରିଆର ଅମରେଶ୍ୱର, ମୂଷାଙ୍ଗ ଗ୍ରାମର ବାଲୁକେଶ୍ୱର, ବଡ଼ଗାଲୋ ଗ୍ରାମର ବୁଢ଼ା ମହାଦେବ, ଷାଟିବାଟିରେ ଗଙ୍ଗେଶ୍ୱର ମହାଦେବ, ମହାଦେବ ସାହିର ମହେଶ୍ୱର, ମହରମପୁରରେ ମହାଲିଙ୍ଗେଶ୍ୱର, ରାଣୀପୁରରେ ରାମେଶ୍ୱର, ତିହିଡ଼ିରେ ସ୍ୱପ୍ନେଶ୍ୱର ଓ ବଟେଶ୍ୱର, ହରିପୁରରେ କ୍ଷେତ୍ରେଶ୍ୱର, ବଡ଼ଗାଲୋରେ ବକ୍ରେଶ୍ୱର, ଗଳଗଣ୍ଡପୁରରେ ଗଜେନ୍ଦ୍ରେଶ୍ୱର, କାଳିମେଘାରେ ନୀଳକଣ୍ଠେଶ୍ୱର, ଅଲିନଗର ଶିବ ମନ୍ଦିର, ରାଢ଼ଙ୍ଗ ହରିହର ପୀଠରେ ସିଦ୍ଧେଶ୍ୱରଜୀଉ ଆଦି ଶିବ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଛି। ଗୋବିନ୍ଦପୁର ପଞ୍ଚାୟତର ପଇତିପୁର ଓ ମାଧପୁର ଗ୍ରାମରେ ଥିବା ଶିବ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସେହିପରି ତିହିଡ଼ି ଥାନା ପକ୍ଷରୁ ଥାନା ପାର୍ଶ୍ୱରେ ଥିବା ମହାଦେବ ମନ୍ଦିରରେ ଶିବରାତ୍ରି ପାଳନ ଅବସରରେ ପୂଜାର୍ଚ୍ଚନା କରାଯାଉଛି। ପବିତ୍ର ଶିବରାତ୍ରି ଅବସରରେ ବିଭିନ୍ନ ମନ୍ଦିରଗୁଡ଼ିକରେ ମଧ୍ୟ ପୂଜାର୍ଚ୍ଚନା କରାଯାଉଛି।

## ବନ୍ତ/ଆଗରପଡ଼ା

ପ୍ରତିଥର ପରି ଏଥର ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଶୈବପୀଠଗୁଡ଼ିକ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିବା ସହ ଶହଶହ ବ୍ରତଧାରୀ ଉଜାଗର ହୋଇ ଦୀପ ଜାଳି ମନ୍ଦିର ପରିସରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତି ଭାବରେ ବସି ରହିଥିଲେ। ଏହି ପର୍ବ ଉପଲକ୍ଷେ ମନ୍ଦିରଗୁଡ଼ିକୁ ଆଲୋକମାଳାରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ସନ୍ଧ୍ୟା ସମୟରେ ଶିବଙ୍କୁ ଦର୍ଶନ କରିଥିଲେ। ଏହା ଛଡ଼ା ପ୍ରତି ସ୍ଥାନରେ ଭଜନ, କୀର୍ତ୍ତନ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ସହିତ ପଣା ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଆଗରପଡ଼ାସ୍ଥିତ ଅଣିଜୋରେ ସିନ୍ଧୁକେଶ୍ୱର, ବିଟିପୁରରେ ରାମେଶ୍ୱର, ପୁରୁଷଣ୍ଡରେ ପାରକେଶ୍ୱର, ତ୍ରିସାଲିଆରେ ସୁବର୍ଣ୍ଣେଶ୍ୱର, ଅଡ଼ାଳପଙ୍କର ରାମେଶ୍ୱର, କପିଳେଶ୍ୱର, ଆଡ଼ିଆର ଆରଡ଼େଶ୍ୱର, ଜିରିଣା ଆଦି ସ୍ଥାନରେ ପୂଜା ପାଉଥିବା ଶୈବପୀଠଗୁଡ଼ିକରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ତୁଣ୍ଡାସ୍ଥିତ କପିଳେଶ୍ୱର ମହାଦେବ ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗିଥିଲା। ଏହି ଶୈବପୀଠରେ ଦୀର୍ଘ ବର୍ଷ ହେବ ଉକ୍ତ ସ୍ଥାନରେ ଜାଗର ଯାତ୍ରା ତିନି ଦିବସ ଧରି ପାଳନ ହେଉଥିବାବେଳେ, ପ୍ରାରମ୍ଭରେ ଗ୍ରାମ୍ୟ ପୁଷ୍କରିଣୀରୁ ୧୧ଟି କଳସ ଉତ୍ତୋଳନ କରାଯାଇ ଗ୍ରାମ ବଜାର ପରିକ୍ରମା କରି ଯଜ୍ଞସ୍ଥଳକୁ ଅଣାଯାଇଥିଲା। ପୂଜାରୀ ପୀତାମ୍ବର ମିଶ୍ର, ବିଭୂତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଧିବାସ, ରାଜାଭିଷେକ ଓ ପୂର୍ଣ୍ଣାହୁତି କାର୍ଯ୍ୟ ସହିତ ସମସ୍ତ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ସମ୍ପାଦନ କରିଥିଲେ। ପୂଜାରେ କର୍ତ୍ତା ମାନସ ରଞ୍ଜନ ମହାପାତ୍ର, ଦେବସ୍ମିତା ମହାପାତ୍ର କାର୍ଯ୍ୟ ତୁଲାଇଥିବା ବେଳେ ଭାସ୍କର ମହାପାତ୍ର, ଉମାକାନ୍ତ ରାଉଳ, ରଘୁନାଥ ରାଉଳ, ବଳରାମ ନାୟକ, ରାଧେଶ୍ୟାମ ନାୟକ, ରବୀନ୍ଦ୍ର ସେଠୀ, ଦୁର୍ଗାପ୍ରସନ୍ନ ମହାପାତ୍ର, ସୁଧାଂଶୁ ଶେଖର ମହାପାତ୍ର, ଅଶୋକ ସେଠୀ, ହିମାଂଶୁ ମହାପାତ୍ର, ଉଦ୍ଧବ ନାୟକ, ଦୁର୍ଗା ପ୍ରସନ୍ନ ମହାପାତ୍ର, ଚିନ୍ମୟ ମହାପାତ୍ର, ନବ ରାଉଳ ସମେତ ସମସ୍ତ ଗ୍ରାମବାସୀ ପୂଜା କାର୍ଯ୍ୟକୁ ସମାପନ କରିଥିଲେ।

ରାତି ୧୦ଟାରେ ମହାଦୀପ ଉଠିଥିବା କମିଟି ପକ୍ଷରୁ ସୂଚନା ମିଳିଥିଲା।

ସେହିପରି ଓଡ଼ଙ୍ଗ ପଞ୍ଚାୟତ ବୋଡ଼କପାଟଣାଠାରେ ବୋଡ଼କେଶ୍ୱର ମହାଦେବ ପୀଠରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଶୈବ ପୀଠ ଭଦ୍ରକ ଜିଲ୍ଲାର ସର୍ବପୁରାତନ। ପୂଜାରୀ କୁଳମଣି ନନ୍ଦ, ଆଦିକନ୍ଦ ନନ୍ଦ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଶୈବପୀଠ ଏକ ଅଲୌକିକ। ଏହି ପୀଠ ପୁଷ୍କରିଣୀରେ ବୁଡ଼ ପକାଇଲେ ବିଭିନ୍ନ ରୋଗ ଯନ୍ତ୍ରଣା ଦୂର ହୁଏ ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଥିଲେ। ଏଥିସହିତ ମହାଦେବଙ୍କ ନିକଟରେ ମାନସିକ ରଖିଲେ ମାନସିକ ପୂରଣ ହୋଇଥାଏ। ସେହିପରି ବୃନ୍ଦାବନପୁର ବାବାମଣିଙ୍କ ପୀଠରେ ଜାଗର ଓ ମହାଶିବରାତ୍ରି ପୂଜା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ଦାଶ ପୂଜା କାର୍ଯ୍ୟ ତୁଲାଇଥିବାବେଳେ, ପୂଜା କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଗଣିଜାଙ୍ଗ ଶାସନସ୍ଥିତ ଭକ୍ତେଶ୍ୱର ଶୈବପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ପୂଜା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିବାବେଳେ, ପରିଶେଷରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ପଳସା ବଜାର ବାବା ଖଗେଶ୍ୱର ମହାଦେବ ପୀଠରେ ୩ ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବ। ଏହି ମହାଦେବ ପୀଠରେ ପୂଜାରୀ ଫକୀର ଚରଣ ତ୍ରିପାଠୀ, ଶୁକଦେବ ତ୍ରିପାଠୀ, ସୁବାସ ତ୍ରିପାଠୀ, ରମେଶ ତ୍ରିପାଠୀ ମନ୍ଦିରର ପୂଜା କାର୍ଯ୍ୟ ସମ୍ଭାଳିଥିବା ବେଳେ ବଜାର କମିଟି ଦ୍ୱାରା ଉକ୍ତ ପୂଜା ଅନୁଷ୍ଠିତ ହେଉଛି। ହାସିନପୁର ପଣ୍ଡା ସାହି ଜମ୍ବେଶ୍ୱର, ମଙ୍ଗୁଳି ନାରାୟଣେଶ୍ୱର, ରୁପୁଡ଼ି ବାବା ବିଶେଶ୍ୱର, କାଶୀପୁର କାଶୀବିଶେଶ୍ୱର, ବଗଦା ଶାସନ ଭଦ୍ରେଶ୍ୱର, ଗଙ୍ଗେଶ୍ୱର, ଇରଝଟିଆ ଲୋକନାଥ, ଓଡ଼ଙ୍ଗ ବାଲୁଙ୍କେଶ୍ୱର, ପାରାବନ୍ଧ, ଗଣିଜାଙ୍ଗ, ଛୟାଳସିଂ, ରାମପୁର, ରାମକୃଷ୍ଣପୁର, ଓଡ଼ଙ୍ଗ, ଟିଲୋ, ସେଣ୍ଡତିରା ସମେତ ବନ୍ତ ବ୍ଲକର ୨୫ଟି ପଞ୍ଚାୟତର ଗ୍ରାମ ଓ ବଜାରରେ ଥିବା ବିଭିନ୍ନ ଶୈବପୀଠରେ ଧୁମ୍‌ଧାମରେ ପାଳନ ହୋଇଛି ମହାଶିବରାତ୍ରି ପୂଜା।

## ଧାମନଗର

ପବିତ୍ର ମହାଶିବରାତ୍ରି ଓ ଜାଗର ଯାତ୍ରା ଉପଲକ୍ଷେ ଗାଁଠୁ ସହର ଉତ୍ସବମୁଖର ହୋଇଥିବାବେଳେ ଭାବଭକ୍ତି, ଆନନ୍ଦ, ଶ୍ରଦ୍ଧା ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଛି। ଏହି ଅବସରରେ ଧାମନଗର ବ୍ଲକ ଓ ସହରାଞ୍ଚଳରେ ବିଭିନ୍ନ ଶିବ ମନ୍ଦିରରେ ରବିବାର ସକାଳୁ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ସବୁଠି ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଛି। ପ୍ରତ୍ୟେକ ଶିବ ମନ୍ଦିର ପରିସରରେ ମହିଳା ଓ ପିଲା ଭକ୍ତମାନଙ୍କ ସଂଖ୍ୟା ଅଧିକ ଥିବାର



ଦେଖାଯାଇଥିଲା। ଧାମନଗର ଅଞ୍ଚଳର ପ୍ରଖ୍ୟାତ ଶୈବପୀଠ କରଦା ଅଞ୍ଚଳର ବାବା କିଲାଲେଶ୍ୱର ମହାଦେବଙ୍କ ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବୟାଙ୍ଗଡ଼ିହି କମାରବନ୍ଧ ଗାଁର ବାବା ରାମେଶ୍ୱର ମହାଦେବ, ପଳିକିରୀର ବାବା ଉତ୍ତରେଶ୍ୱର, ଭଗବାନପୁରର ଭକ୍ତେଶ୍ୱର, ଇଛଦାର ବାବା ତପନେଶ୍ୱର, ଅନହରପୁରର ବାବା ଅମରେଶ୍ୱର, ଧାମନଗର ସହରରେ ଧର୍ମେଶ୍ୱର ତାଳପଦା, ଗଡ଼ଗଡ଼ିଆ ମହାଦେବ ମନ୍ଦିର ଶ୍ୟାମପୁର, ଅଟେଶ୍ୱର, ବାସନ୍ତୀ ଗୁର୍ଗା, ମେଡିକାଲ ପରିସରରେ ମୁକ୍ତେଶ୍ୱର ମନ୍ଦିର, ବ୍ଲକ ନିକଟସ୍ଥ ରାମ ମନ୍ଦିର ପରିସରରେ ଥିବା ମୁକ୍ତେଶ୍ୱର, ଶିବ ସାଇ ମନ୍ଦିର, ଆମ୍ବିଳିଗାଁର ଆମ୍ବିଳେଶ୍ୱର, ଭଙ୍ଗସାହିର ଦିନେଶ୍ୱର, ବାମେଶ୍ୱର, ଫଳପୁରର ଅରଳେଶ୍ୱର, ବ୍ରାହ୍ମଣପାଳ ଦକ୍ଷିଣକାଳୀ ପୀଠସ୍ଥିତ ସ୍ୱପ୍ନେଶ୍ୱର, ବାଲିପାଟଣାର ବାଲୁଙ୍କେଶ୍ୱର, ବସାସାହିର ଭଙ୍ଗେଶ୍ୱର, ବାଘୁଆରିର ବଟେଶ୍ୱର, ଦିହୁଡ଼ି ଆନନ୍ଦପୁରର କପତେଶ୍ୱର, ମଗରେଶ୍ୱର, ପଧାନିର ବାବା ମୁକ୍ତେଶ୍ୱର, ବନ୍ଧଟିଆର ରାମେଶ୍ୱର ପ୍ରମୁଖ ଶୈବପୀଠରେ ଜାଗରଯାତ୍ରା ଭାବଭକ୍ତିର ସହ ପାଳନ କରାଯାଇଛି। ପ୍ରାୟ ଏସବୁ ମନ୍ଦିରରେ ରାତି ୯ଟା ମଧ୍ୟରେ ମହାଦୀପ ଉଠିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଶୈବପୀଠଗୁଡ଼ିକରେ ଭଜନକୀର୍ତ୍ତନର ଆସର ହେଉଥିବାବେଳେ କେତେକ ମନ୍ଦିର ପରିସରରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ ହେବା ସହ ପ୍ରସାଦସେବନର ବ୍ୟବସ୍ଥା ହୋଇଥିବାର ଦେଖାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଆଇଆଇସି ସୁବ୍ରଜିତ୍ ଦାସ, ଧୂଷୁରୀ ଆଇଆଇସି ଅଜୟ ବେଜଙ୍କ ନିର୍ଦ୍ଦେଶରେ ଅଧିକାଂଶ ମନ୍ଦିରରେ ପୁଲିସ ମୁତୟନ କରାଯାଇଥିଲା।

## ଅସୁରାଳି

ମହାଶିବରାତ୍ରିରେ ଗୋବିନ୍ଦପୁରର ଉତ୍ତରେଶ୍ୱର ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼, ରାତିଭରି ଭଜନ, ଧ୍ୟାନ ଓ ଆରତି କରାଯାଇଛି। ଝାରଡ଼ିଆର ଝାଡ଼େଶ୍ୱର ପୀଠଠାରେ ଶିବଲିଙ୍ଗରେ ଅବିରତ ଅଭିଷେକ, ଦୀପାଳିକା ଓ ଭକ୍ତମାନଙ୍କ ଜାଗରଣ ଦେଖିବାକୁ ମିଳିଥିଲା। କୋରୁଆର କପିଳେଶ୍ୱର ପୀଠଠାରେ ସାମୂହିକ ଭକ୍ତି, ମହାପ୍ରସାଦ ବଣ୍ଟନ ଓ ଶିବ-ପାର୍ବତୀଙ୍କ ବିବାହ ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟାନ୍ୟ ସ୍ଥାନରେ ଉତ୍ସବୀୟ ଆଡ଼ମ୍ବର ତଥା ହରିହଂସ, ବନମାଳୀ ନଗର, ଧୂଷୁରୀ ବଜାର, ଓଲଟପୁର, ପଙ୍ଗଟା, ହସନାବାଦ, ପାଳସାହି, ଦୋହରାପାଟଣା, ସାହଜିପାଟଣା, ସାହୁ ସାହି, ବେତାଳି ଗାଁ ବଜାର, ନୂଆସାହୁ, ବମକୁରା, ପତ୍ରିସାହି ଆଦି ସ୍ଥାନରେ ମଧ୍ୟ ମହାଶିବରାତ୍ରି ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଥିଲା।

ବିଶେଷତଃ ବନମାଳୀ ନଗରସ୍ଥିତ ପିନାକେଶ୍ୱର ମନ୍ଦିରରେ ରାତି ୯ଟା ୩୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ଏହି ଦୃଶ୍ୟ ଭକ୍ତମାନଙ୍କୁ ଅତ୍ୟନ୍ତ ଭାବବିହ୍ୱଳ କରିଥିଲା ଓ ଶିବଙ୍କ ଦିବ୍ୟତାର ପ୍ରତୀକ ଭାବେ ସ୍ମରଣୀୟ ହୋଇ ରହିଲା। ମହାଶିବରାତ୍ରି କେବଳ ଧାର୍ମିକ ପର୍ବ ନୁହେଁ, ଏହା ଲୋକମାନଙ୍କୁ ଏକତା, ଭକ୍ତି ଓ ସାମୁଦାୟିକ ସମ୍ପ୍ରିତିରେ ବାନ୍ଧିଥାଏ। ଗାଁରେ ଗାଁରେ ଶିବମନ୍ଦିରରେ ଭକ୍ତମାନଙ୍କ ଭିଡ଼, ଭଜନକୀର୍ତ୍ତନ, ଧାର୍ମିକ ଆଲୋଚନା ଓ ସାମୂହିକ ଭୋଜରେ ଏହି ପର୍ବର ଆଡ଼ମ୍ବର ସ୍ପଷ୍ଟ। ମହାଶିବରାତ୍ରିରେ ଶିବଙ୍କୁ ଭଜିବାରେ ଲୋକମାନେ ନିଜର ଆତ୍ମାକୁ ପବିତ୍ର କରନ୍ତି, ନୂତନ ଶକ୍ତି ଓ ଆଶାରେ ଜୀବନକୁ ଆଗକୁ ବଢ଼ାନ୍ତି। ଗୋବିନ୍ଦପୁର, ଝାରଡ଼ିଆ, କୋରୁଆ, ବନମାଳୀ ନଗର ଓ ଅନ୍ୟାନ୍ୟ ପୀଠରେ ହୋଇଥିବା ଉତ୍ସବୀୟ ଆଡ଼ମ୍ବର, ଶ୍ରଦ୍ଧାଳୁମାନଙ୍କ ସାମୂଦାୟିକ ଭକ୍ତିର ଅଦ୍ଭୁତ ଦୃଶ୍ୟ ପ୍ରକାଶ କରିଛି।

## ଦୋବଲ

ପବିତ୍ର ଜାଗର ଯାତ୍ରା ଅବସରରେ ଧାମନଗର ଅଞ୍ଚଳରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳୁଛି। ବିଭିନ୍ନ ଶୈବପୀଠ ମଧ୍ୟରୁ ଧାମନଗର ବ୍ଲକ କରଦା ପଞ୍ଚାୟତରେ ଅବସ୍ଥିତ ବାବା ଖିଲାଟେଶ୍ୱରଙ୍କ ପୀଠରେ ଭକ୍ତଙ୍କ ସମାଗମ ଲକ୍ଷ୍ୟ କରାଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ହଜାର ହଜାର ଭକ୍ତ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପୀଠରେ ପହଞ୍ଚିଥିଲେ। ଭକ୍ତମାନଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି ଯେ, ଏଠାରେ ଉଜାଗର ରହି



ଦୀପଦାନ କଲେ ପୁଣ୍ୟଫଳ ପ୍ରାପ୍ତି ସହ ମନସ୍କାମନା ପୂର୍ଣ୍ଣ ହୁଏ। କିମ୍ବଦନ୍ତୀ ଅନୁଯାୟୀ, ଜଳ ବା କିଲାଳରୁ ଉତ୍ପତ୍ତି ହେବାରୁ ପ୍ରଭୁଙ୍କ ପ୍ରାରମ୍ଭିକ ନାମ 'କିଲାଳେଶ୍ୱର' ଥିଲା। ଯାହା କାଳକ୍ରମେ 'ଖିଲାଟେଶ୍ୱର' ଭାବେ ପରିଚିତ ହୋଇଛି। ଏହି ଖିଲାଟେଶ୍ୱର ପୀଠର ବିଶେଷ ଆକର୍ଷଣ ହେଉଛି ମହାଦେବଙ୍କ ସହ ହର-ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ପୂଜା। ବିବାହରେ ବାଧା ଦୂରୀକରଣ ପାଇଁ ଏଠାରେ ହର-ପାର୍ବତୀଙ୍କ ପୂଜା କଲେ ମନସ୍କାମନା ସିଦ୍ଧି ହୁଏ ବୋଲି ଭକ୍ତମାନେ କହନ୍ତି। ମନ୍ଦିରରେ ସ୍ୱୟଂ ନାରାୟଣଙ୍କୁ ଦ୍ୱାରପାଳ ଭାବେ ପୂଜା କରାଯାଉଥିବା ବୈଶିଷ୍ଟ୍ୟ ମଧ୍ୟ ଏହି ପୀଠକୁ ଅନ୍ୟ ଶୈବଧାମରୁ ଅଲଗା କରିଛି। ପବିତ୍ର ବୈତରଣୀ ଓ କାଳନ୍ଦୀ ନାଳ ପାର୍ଶ୍ୱରେ ଅବସ୍ଥିତ ଏହି ପୀଠ ଐତିହ୍ୟ ଓ ଆସ୍ଥାର ଅନନ୍ୟ ପ୍ରତୀକ ଭାବେ ପରିଚିତ। ପୁରାତନ ଗ୍ରନ୍ଥ ପଦ୍ମପୁରାଣ ସହ ଅନ୍ୟାନ୍ୟ ଧାର୍ମିକ ସାହିତ୍ୟରେ ମଧ୍ୟ ଏହି ପୀଠ ସମ୍ପର୍କରେ ଉଲ୍ଲେଖ ମିଳିଥାଏ। ଜାଗର ଯାତ୍ରା ଅବସରରେ ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିବା ସହ ଉଜାଗର ରହି ମହାଦୀପ ଦର୍ଶନ କରିଥାନ୍ତି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଧାମନଗର ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ୟପକ୍ଷେ ଏହି ପୁରାତନ ଶୈବପୀଠର ଆହୁରି ସଂରକ୍ଷଣ ଓ ଉନ୍ନତି ପାଇଁ ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

# ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ



ଭଦ୍ରକ, ୧୫।୨(ସମିସ): ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଉତ୍କଳ ସାମ୍ବାଦିକ ସଂଘ ସହ ବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ପବିତ୍ର ଜାଗର ଯାତ୍ରା ଉପଲକ୍ଷେ ଭଦ୍ରକର ଲୋକନାଥ ମନ୍ଦିର ପରିସରରେ ରବିବାର ଦିନ ୧୦ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି। ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କୁ ଏହି ଦହି ସର୍ବତ ବଣ୍ଟନ କରାଯାଇଥିଲା। ୩ ବର୍ଷ ଧରି ବାବା ଆଖଣ୍ଡଳମଣିଙ୍କ ପୀଠରେ ଦହି ସର୍ବତ ବଣ୍ଟନ କରାଯାଇଥିବା ବେଳେ ଚଳିତ ବର୍ଷ ଭଦ୍ରକର ପ୍ରସିଦ୍ଧ ଶୈବପୀଠ ବାବା ଲୋକନାଥଙ୍କ ଜାଗର ଯାତ୍ରା ଉପଲକ୍ଷେ ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ହଜାର ହଜାର ଭକ୍ତଙ୍କୁ ଦହି ସର୍ବତ, ଥଣ୍ଡା ପାଣି ବଣ୍ଟନ କରାଯାଇଛି। ଜିଲ୍ଲା ସଭାପତି ସଭାପତି ରବିନାରାୟଣ ଖିଲାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମ୍ବାଦିକ ରାମନାରାୟଣ ମହାନ୍ତି, ସଞ୍ଜୀବ ନାୟକ, ସୁଜୟ ପାକଳ, ଅବ୍‌ଦୁଲ ଫିରୋଜ ଖାଁ, ପ୍ରଶାନ୍ତ ସାହୁ, ଅମର ନାୟକ, ପ୍ରଦୀପ ବଳ, ସହସମ୍ପାଦକ ଅଶୋକ ସାହୁ, ଆଲୋକ ନାୟକ, ମୁକ୍ତିକାନ୍ତ ନାୟକ, ନବଘନ ଦାସ, ରଞ୍ଜିତ୍ ଜେନା, ପ୍ରଭାକର ବାରିକ, ସନ୍ତୋଷ ସାହୁ, ମାନସ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ଏଭଳି ମହତ୍ କାର୍ଯ୍ୟ କରାଯାଇଛି।

# ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପଣା ବଣ୍ଟନ

ଭଣ୍ଡାରିପୋଖରୀ, ୧୫।୨(ସମିସ): ଭଣ୍ଡାରିପୋଖରୀ ବ୍ଲକର ଆକୁଳିକଣା ବାବା ବରୁଣେଶ୍ୱରରେ ଜାଗରଯାତ୍ରା ପାଳନ ଅବସରରେ ଭକ୍ତମାନଙ୍କୁ ସର୍ବତ ବିତରଣ କରାଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତ୍ରିଲୋଚନ ଦାଶଙ୍କ ଦ୍ୱାରା ବିତରଣ ହୋଇଥିବା କେନ୍ଦ୍ରକୁ ସମାଜସେବୀ ଅକ୍ଷୟ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ସାମଲ, ଦେବେନ୍ଦ୍ର



ବରାଳ, ନଗେନ୍ଦ୍ର ଧଳ, ପ୍ରଶାନ୍ତ ସ୍ୱାଇଁ, କୀର୍ତ୍ତନ ଧଳ ପ୍ରମୁଖ ସ୍ଥାନୀୟ ବ୍ୟକ୍ତିବିଶେଷ ସହଯୋଗ କରିଥିଲେ। ଟ୍ରଷ୍ଟ ସଦସ୍ୟ ସୌମ୍ୟରଞ୍ଜନ ସାହୁ, ଶିବାନୀ ଶଙ୍କର ସ୍ୱାଇଁ, ସତ୍ୟଜିତ୍ ରାଉତ, ନିତ୍ୟାନନ୍ଦ ଜେନା, ପ୍ରତାପ ନାୟକ ପ୍ରମୁଖ କେନ୍ଦ୍ର ପରିଚାଳନା କରିଥିଲେ।

## ନିୟମ ଉଲ୍ଲଂଘନ କରୁଛନ୍ତି ପେଟ୍ରୋଲ ପମ୍ପ



ବାସୁଦେବପୁର,୧୫।୨(ସମିସ): ବାସୁଦେବପୁର ବ୍ଲକ୍ କରଞ୍ଜଆଡ଼ିଆରେ ସରକାରଙ୍କ ନିୟମକୁ ନ ମାନି ବେଆଇନ୍ ଭାବେ ପେଟ୍ରୋଲ ଦେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା କି କୌଣସି ପେଟ୍ରୋଲ ପମ୍ପ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ, ଡିଜେଲକୁ ଖୋଲାଖୋଲି ବିକ୍ରି କରିପାରିବେ ନାହିଁ। ଏପଟେ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ବିଦେଇପୁର ପେଟ୍ରୋଲ ପମ୍ପ କର୍ମଚାରୀ ଏକ ପ୍ଲାଷ୍ଟିକ୍ ଡ୍ରମ୍‌ରେ ଡିଜେଲ ଓ ପେଟ୍ରୋଲ ବିକ୍ରି କରୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ନାଲି ଆଖି ଦେଖାଇ ପୁଣି ପେଟ୍ରୋଲ ଡିଜେଲ ପ୍ଲାଷ୍ଟିକ୍ ବୋତଲ ବା ପ୍ଲାଷ୍ଟିକ ଡ୍ରମ୍‌ରେ ଦିଆଯାଉଛି କିପରି। ଏହାକୁ ନେଇ ନାୟକାଣି ଡିହ ପୁଲିସ ପ୍ରଶାସନ ଚୁପ୍ ବସିଛନ୍ତି କାହିଁକି।

## ବାଳିକା ଆତ୍ମ ସୁରକ୍ଷା ଶିବିର ଉଦ୍‌ଯାପିତ



ଭଦ୍ରକ,୧୫।୨(ସମିସ): ସରକାରଙ୍କ ଆନୁକୂଲ୍ୟରେ ୮ ଦିନ ଧରି ଚରମ୍ପା ମହାବିଦ୍ୟାଳୟରେ ଆୟୋଜିତ ବାଳିକା ଆତ୍ମ ସୁରକ୍ଷା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାଶ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆତ୍ମ ସୁରକ୍ଷା ଶିବିରର ପ୍ରଶିକ୍ଷିକା କବିତା ନାୟକ, ମନୋରମା ରାଉତ ବାଳିକାମାନଙ୍କୁ ଆତ୍ମ ସୁରକ୍ଷାର କୌଶଳ ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ବାଳିକାମାନେ ଏଥିରେ ଆନ୍ତରିକତାର ସହିତ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାଶ ସଭାପତିତ୍ୱ କରି ଉକ୍ତ ଶିବିରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସ୍ନେହଲତା ହେମ୍ବ୍ରମ୍ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ସଭାକାର୍ଯ୍ୟକୁ ସଫଳ କରାଇବାରେ ଅଧ୍ୟାପିକା ଫିର୍ଦୌସ ହୋସେନ, ଅଧ୍ୟାପକ ମନୋଜ ମହାଳିକ ସହଯୋଗ କରିଥିଲେ। ଏଥିସହିତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ମହାଶିବରାତ୍ରୀ ପାଳନ ଓ ଆଧ୍ୟାତ୍ମିକ ସଚେତନତା



ଧାମନଗର,୧୫।୨(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆତ୍ମଜ୍ୟୋତି ଭବନ ତରଫରୁ ଶିବରାତ୍ରୀ ପାଳନ ଓ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ଅନୁପମା ଆଗ୍ରେଇବଚନଙ୍କ ତତ୍ତ୍ୱାବଧାନରେ ଏଥିରେ ମୁଖ୍ୟ ଅତିଥି ଭାବେ ନୂତନ ଥାନା ଅଧିକାରୀ ସୁବ୍ରଜିତ ଦାସ ଯୋଗଦେଇ ଶିବଝଣ୍ଡା ଉତ୍ତୋଳନ କରି ସମସ୍ତ ସାମାଜିକ ସଂଗଠନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିବି ବୋଲି ସୂଚନା ଦେଇଥିଲେ। ଶିବରାତ୍ରୀ ପାଳନ ଉପଲକ୍ଷେ ଆଧ୍ୟାତ୍ମିକ ସଚେତନତା ରଥ ବଜାର ପରିକ୍ରମା କରି ଖିଲାଟେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାଜ ଯୋଗ ମାଧ୍ୟମରେ ମନକୁ ସ୍ଥିର କଲେ ଶରୀର ସୁସ୍ଥ ରହେ। ମାନସିକ ଯୋଗ ଦ୍ୱାରା ଆତ୍ମା ପରମାତ୍ମା ସହ ମିଳନ ଓ ଶାନ୍ତି ମିଳେ ଏବଂ ସକାରାତ୍ମକ ବିଚାର, ସ୍ନେହ, ପ୍ରେମ, ଦୟା, କ୍ଷମା ଭାବ ଜାଗ୍ରତ ହୋଇଥାଏ ବୋଲି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନାମ ଜେନା, ସଂଗୀତା ମହାନ୍ତି, ନିରାକାର ଧଳ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ରତ୍ନାକର ମହାପାତ୍ର, ଗୋଲକ ମହାପାତ୍ରଙ୍କ ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିକ୍ଷୟିତ୍ରୀ ଜୟନ୍ତୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**କେନାଲରେ ଆସୁନି ପାଣି; ଶୁଖିଲା ପଡ଼ିଛି**

# ଡାଲି ଫସଲକୁ ପାଇପ୍ ପାଣି ଭରସା

ବାରିକପୁର,୧୫।୨(ସମିସ)



ଏବେ ଜମିରେ ରବି ଫସଲ କରିବା ପାଇଁ ଚାଷୀମାନେ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ବିଶେଷ କରି ଡାଲି ଜାତୀୟ ମୁଗ ଓ ବିରି ଚାଷ ପାଇଁ ଜମିରେ ବିହନ ବୁଣା ସରିଛି। ଠିକ୍ ସମୟରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କେନାଲ ପାଣି ପହଞ୍ଚି ପାରୁନାହିଁ। କେନାଲଗୁଡ଼ିକ ଏକପ୍ରକାର ଶୁଖିଲା ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଖାପାଖି ୧୭ ହଜାର ହେକ୍ଟର ଚାଷ ଜମିକୁ ଶାଳଣିଆ ଓ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ଯୋଗେ ପାଣି ଯୋଗାଯାଇଥାଏ। ଏବେ ସୁଦ୍ଧା ଶାଳଣିଆ ଜଳସମ୍ପଦ ବିଭାଗ ଅଧୀନସ୍ଥ କେନାଲଗୁଡ଼ିକରେ ପାଣି ଆସୁ ନ ଥିବାବେଳେ ଆଖୁଆପଦା ଅଧୀନସ୍ଥ କେନାଲଗୁଡ଼ିକରେ ନାମକୁ ମାତ୍ର ପାଣି ଆସିଛି। କିଛିଦିନ କେନାଲରେ ଅଳ୍ପ ପାଣି ଆସିଥିବାବେଳେ ଏବେ ଜଳ ପରିଚାଳନା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ଯେଉଁ ଚାଷୀମାନେ ମୁଗ, ବିରି ବୁଣିଛନ୍ତି ସେମାନେ ଏବେ ହଇରାଣ ହେବା ଯାହା ସାର ହୋଇଛି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ବିହନ ଯୋଗାଯାଇଥିବା ବେଳେ କେନାଲ ପାଣି ବିନା ପାଗ ନ ହେବାରୁ ବିଲ ବିଳମ୍ବରେ ହଳ ହୋଇଥିଲା। କଷ୍ଟେମଷ୍ଟେ ଚାଷୀ ବିହନ ବୁଣିବା ପରେ ଗଛ ଉଠିବା ବେଳକୁ କେନାଲରେ ପାଣି ନାହିଁ। ତେଣୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଇଲେକ୍ଟ୍ରି ମୋଟର ଜରିଆରେ ଜମିକୁ ପାଇପ୍ ଯୋଗେ ପାଣି ମଡ଼ାଇ ମୁଗ ଓ ବିରି ଚାଷ କରୁଛନ୍ତି। କେତେକ ଜାଗାରେ କେନାଲ କାମ ହେଉଥିବା ଯୋଗୁଁ ପାଣି ଆସୁ ନ ଥିବାବେଳେ ଆଉ କେତେକ ଜାଗାରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଚାଷୀମାନେ କେନାଲ ଜଳରୁ ବଞ୍ଚିତ ହୋଇଛନ୍ତି। ଏଭଳି ଚିତ୍ର ରହଣିଆ, ସରସଦା, ମାଳଦା, ରାଜେନ୍ଦ୍ରପୁର, ନାଆମୀ, ମଞ୍ଜୁରୀ, କୁମ୍ଭାରିଆ, ଜଳହରି, ମାଳଦା, ବିଷ୍ଣୁପୁର, ଖଡ଼ିଶିଙ୍ଗା, କୁରିଗାଁ, ଆଲିହା ପ୍ରମୁଖ ସ୍ଥାନରେ ଦେଖାଯାଇଛି। ସରକାର ଜଳକର ବାବଦରେ ଚାଷୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଥିବାବେଳେ ଜମିରେ କେନାଲ ପାଣି ନ ପହଞ୍ଚିବା ପରିତାପର ବିଷୟ ପାଲଟିଛି। ତେଣୁ ଏହା ଉପରେ ଜିଲ୍ଲାପାଳଙ୍କ ସମେତ ଜଳସମ୍ପଦ ବିଭାଗ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର**

## 'କୁନିକୁନି ଫୁଲକଢ଼ି' ଶିଶୁ ପୁସ୍ତକ ଉନ୍ମୋଚିତ



ଭଦ୍ରକ,୧୫।୨(ସମିସ): ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ କବି ଓ ଶିକ୍ଷାବିତ୍ ଜଗନ୍ନାଥ ନାୟକଙ୍କ ଶିଶୁ ପୁସ୍ତକ 'କୁନିକୁନି ଫୁଲକଢ଼ି' ଉନ୍ମୋଚିତ ହୋଇଯାଇଛି। ଉକ୍ତ ପୁସ୍ତକର ସମୀକ୍ଷକ ଥିଲେ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ। 'ଆମ ଭାଷାରେ ଆମ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ପ୍ରଫେସର ସଂଗ୍ରାମ କିଶୋର ମହାନ୍ତି, ମୁଖ୍ୟଅତିଥି କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଅଧ୍ୟକ୍ଷ ନିହାର ରଞ୍ଜନ କର, ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ବିଜୟ କୁମାର ବହଳୀ ପ୍ରମୁଖ ଭାଷା ଜୀବନର ଆଶାକୁ ପ୍ରକାଶ କରିଥାଏ। ଭାଷା ଦ୍ୱାରା ସଂସ୍କୃତି ରକ୍ଷା ହୋଇପାରେ, ମାଆ, ମାତୃଭାଷା ଓ ମାତୃଭୂମି ମନୁଷ୍ୟର ଜୀବନଚର୍ଯ୍ୟାରେ ନିଶ୍ଚିତ ଭାବେ ଏକ ସୁଉଚ୍ଚ ସ୍ଥାନରେ ରହିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ପୁରୁଷୋତ୍ତମ ଧଳ ଓ କବୟିତ୍ରୀ ମାନସୀବାଳା ସୂତାରଙ୍କ ସଂଯୋଜନାରେ ଆୟୋଜିତ କୁମ୍ଭ ସଂକ୍ରାନ୍ତି କବିତା ଆସରରେ ଅଜୟ ଚନ୍ଦ୍ର ମହାପାତ୍ର, ସନ୍ତୋଷ ସାହୁ, ଅନୁପମା ସାହୁ, ସରୋଜିନୀ ନାୟକ, ଅଧିବକ୍ତା ମନୋରଞ୍ଜନ ଦାସ, ଉମେଶ ଚନ୍ଦ୍ର ମହାପାତ୍ର, ଅଂଶୁମାନ ସ୍ୱାଇଁ, ବିପ୍ଳବ କୁମାର ହୋତା, କୈଳାସ ଦାସ, ମହେନ୍ଦ୍ର ଓଝା, ସୁରେଶ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ବହୁ କବି ସ୍ୱରଚିତ କବିତାପାଠ କରିଥିଲେ। ପ୍ରକୃତି କବି ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ, ସମ୍ପାଦକ ଡ. ଅନିଲ କୁମାର ଦାଶ ବେଦପାଠ ଓ ସମ୍ପାଦକୀୟ ପାଠ, ସହସମ୍ପାଦିକା ମମତାରାଣୀ ଦାଶମିଶ୍ର ମଞ୍ଚ ପରିଚାଳନା ଓ ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ଧୂଷୁରୀର ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚଶିକ୍ଷାଙ୍କ ସହ ଆଲୋଚନା



ଅସୁରାଳି,୧୫।୨(ସମିସ): ଧୂଷୁରୀ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନେଇ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ସାକ୍ଷାତ୍ କରିଥିଲେ ଧୂଷୁରୀର ବିଶିଷ୍ଟ ସମାଜସେବୀ ତଥା ବିଜେପି ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ। ଉକ୍ତ ସାକ୍ଷାତ୍‌ରେ ଉଠାଇଥିବା ପ୍ରମୁଖ ବିଷୟଗୁଡ଼ିକ ଯଥାକ୍ରମେ ଧୂଷୁରୀ ଅଞ୍ଚଳରେ ନୂତନ କଲେଜ, ପ୍ରାକ୍ଟିକାଲ୍ ଲାବ୍ ଓ ଗବେଷଣା କେନ୍ଦ୍ର ସ୍ଥାପନ ଆବଶ୍ୟକତା। ସ୍ଥାନୀୟ ଅଞ୍ଚଳରେ ଆଧୁନିକ ହସ୍ପିଟାଲ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଓ ଆମ୍ବୁଲାନ୍ସ ସୁବିଧା ବୃଦ୍ଧି, ଗମନାଗମନ ତଥା ରାସ୍ତା, ବ୍ରିଜ୍ ଓ ସାର୍ବଜନୀନ ପରିବହନ ବ୍ୟବସ୍ଥାର ସୁଧାର, ଆଲୋକୀକରଣ ଓ ପରିମଳ ତଥା ଗ୍ରାମ ଓ ସହରରେ ଷ୍ଟ୍ରିଟ୍ ଲାଇଟ୍, ପାର୍କ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ପ୍ରତିବର୍ଷ ହେଉଥିବା ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ଅନୁଯାୟୀ ଧୂଷୁରୀ ଅଞ୍ଚଳରେ ପ୍ରତିବର୍ଷ ବନ୍ୟାରୁ ହୋଇଥିବା କ୍ଷତିକୁ ରୋକିବା ପାଇଁ ବ୍ୟାପକ ପ୍ରକଳ୍ପ। ଚତୁର୍ଭୁଜ ନାୟକ ମନ୍ତ୍ରୀଙ୍କୁ ସ୍ପଷ୍ଟ କରିଥିଲେ ଯେ, ଧୂଷୁରୀ ଅଞ୍ଚଳର ଜନସାଧାରଣ ଦୀର୍ଘଦିନ ଧରି ଏହି ସମସ୍ୟାରେ ପୀଡ଼ିତ। ସେଥିପାଇଁ ସ୍ଥାୟୀ ସମାଧାନ ଓ ସମଗ୍ର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱିତ ପଦକ୍ଷେପ ଆବଶ୍ୟକ। ମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଶ୍ରୀ ସୂର୍ଯ୍ୟବଂଶୀ ଏହି ସମସ୍ୟାଗୁଡ଼ିକର ସମାଧାନ ଲାଗି ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ଆଶ୍ୱାସନ ଦେଇଥିଲେ।

## ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିରରେ ପିତୃମାତୃ ପୂଜନ



ବାରିକପୁର,୧୫।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀ ରୋଡ୍ ନିକଟସ୍ଥ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିରରେ ଗତ ଶନିବାର ମାତାପିତାଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଭଦ୍ରକ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ସଦସ୍ୟ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ସନ୍ଥ ଆଶାରାମ୍‌ଜୀ ବାପୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉକ୍ତ ଦିବସକୁ ଫେବୃଆରୀ ୧୪ରେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ସାମନ୍ତରାୟ, ଗୁରୁମା' ଶୁଭଲକ୍ଷ୍ମୀ ସେନାପତି, ରଞ୍ଜୁଲତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ବାବଦରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କ ମାତାପିତାଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଆୟୋଜିତ ଉତ୍ସବକୁ ସାମ୍ବାଦିକ ଆକାଶ ଆଦିତ୍ୟ ବେହେରା, ଗୁରୁମା' ପୁଷ୍ପିତା ନାଥ, ପ୍ରିୟମ୍ବଦା ବେହେରା, କସ୍ତୁରୀକା ପାଣି, ରଞ୍ଜିତ ରାଉତ, ଜ୍ୟୋତିପ୍ରଭା ଖଣ୍ଡାଇ, ସସ୍ମିତା ବେହେରା, ନରହରି ରାଉତ, ରସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ତିଶଳପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ,୧୫।୨(ସମିସ): ଭଦ୍ରକ ବ୍ଲକ୍ ରାହାଞ୍ଜ ପଞ୍ଚାୟତର ତିଶଳପୁର ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଭଦ୍ରକର ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର, ବିଏନ୍‌ଏ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାଶ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସେହିପରି ଶିକ୍ଷାବିତ୍ ଭାଗିରଥି ନାୟକ, ପାଳିଆ କଲେଜ ଅଧ୍ୟାପକ ସରୋଜ କୁମାର ମହାପାତ୍ର, ଆଦାନୀ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଭରତ ଚନ୍ଦ୍ର ରାଉତ, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ପ୍ରସାଦ ସାମଲ, ରାହାଞ୍ଜ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା, ରମ୍ଭିଲା ପଞ୍ଚାୟତର ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା, ତିଶଳପୁର ସାଧନ କେନ୍ଦ୍ରର ସିଆର୍‌ସିସି ଜୟନ୍ତ କୁମାର ଯେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାଧ୍ୟକ୍ଷ ଗୌରୀ ବଲ୍ଲଭ ପାଢ଼ୀ ପ୍ରମୁଖ ବ୍ୟକ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଉପଦେଷ୍ଟା ତଥା ଆଲୁମ୍‌ନି କମିଟିର ସଭାଧ୍ୟକ୍ଷ ସ୍ୱର୍ଗତ ମୋଦନ ମୋହନ ପରିଡ଼ାଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଅନାବରଣ କରିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଦ୍ୟାଳୟର 'ପ୍ରାଚୀର ପତ୍ର' ଓ 'ଚିତ୍ରକଳା ପ୍ରାଚୀର ପତ୍ର' "ତିଶଳୟା -୨୦୨୬"କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ସିଆର୍‌ସିସି ଚନ୍ଦ୍ରକାନ୍ତ ଶୁକ୍ଳ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ବାର୍ଷିକ ଉତ୍ସବ ମଞ୍ଚରେ ରାହାଞ୍ଜ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା ତଥା ଚରମ୍ପା ଅଞ୍ଚଳର ଯୁବ କଣ୍ଠଶିଳ୍ପୀ କୁମାରୀ ଇଷ୍ଟପ୍ରିୟା ଧିଦା ଏହି ଦୁଇ ପ୍ରତିଭାଙ୍କୁ "ତିଶଳୟା ସମ୍ମାନ' ପ୍ରଦାନ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ଶିଶୁ ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଦ୍ୟାଳୟର କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ସିଆର୍‌ସିସି ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପଲ୍ଲାଇ, ମୀରାଲକ୍ଷ୍ମୀ ମହାନ୍ତି, ନିରୁପମା ପଣ୍ଡା, ମନୋଜ ଦାସ, ଦୀପକ ନାଏକ, ବଟକୃଷ୍ଣ ମହାପାତ୍ର, ସରୋଜ ବେହେରା ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଜୟ କୁମାର ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ।

**● ବିଜେପି ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣା**

## ୬ ଦିନ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ



ଦୋଳସାହି,୧୫।୨(ସମିସ): ତିହିଡ଼ି ବ୍ଲକ୍ ସାହାଡୁଶୁଣୀ ବିଜେପି ମଣ୍ଡଳ ସଭାପତି କେଶବ ବେହେରା ଓ ଅନ୍ୟଜଣଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣକୁ ୬ଦିନ ବିତିଯାଇଥିଲେ ବି ଅଦ୍ୟାବଧି କେହି ଗିରଫ ନ ହେବା ନେଇ ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏହି ବିବାଦକୁ ନେଇ ସଭାପତି କେଶବଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ତିହିଡ଼ି ଥାନା ସମ୍ମୁଖରେ ଅନୁଷ୍ଠିତ ହେଉଥିବା ତିହିଡ଼ି ମହୋତ୍ସବ କାର୍ଯ୍ୟକ୍ରମ ଚାଲିଥିବାବେଳେ ଏହି ମହୋତ୍ସବ ଦେଖି କେଶବ ଓ ଗଣେଶ କରଙ୍କୁ ମରଣାନ୍ତକ ଆକ୍ରମଣ କରିବା ନେଇ ଉଭୟଙ୍କୁ ଗୁରୁତର ଅବସ୍ଥାରେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଥାନାରେ ଅଭିଯୋଗ ପରେ ତିହିଡ଼ି ପୁଲିସ ପକ୍ଷରୁ ୨ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲାବେଳେ ତିହିଡ଼ି ପୁଲିସ ପକ୍ଷରୁ ଦଫା ୩୦୭ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଆକ୍ରମଣକାରୀ ଫେରାର୍ ଥିବା ପୁଲିସ ସୂଚନା ଦେଇଥିଲାବେଳେ ବିଜେପିରେ ତୀବ୍ର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି।

**୩ୟ ସାଳନ୍ଦୀ ସାହିତ୍ୟ ସଙ୍ଗମ ଉଦ୍‌ଯାପିତ**

# ପ୍ରତିଭା ରାୟଙ୍କୁ 'ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ' ପୁରସ୍କାର

ଭଦ୍ରକ,୧୫।୨(ସମିସ)



୨ଦିନ ଧରି ଭଦ୍ରକ ବାଇପାସ୍‌ସ୍ଥିତ 'ସଙ୍ଗମ କନ୍‌ଭେନ୍‌ସନ୍'ଠାରେ 'ଟାଇମ୍‌ପାସ' ପକ୍ଷରୁ ଆୟୋଜିତ ଉତ୍ତର-ପୂର୍ବ ଓଡ଼ିଶାର ସର୍ବବୃହତ୍ ସାହିତ୍ୟ ଉତ୍ସବ 'ସାଳନ୍ଦୀ ସାହିତ୍ୟ ସଙ୍ଗମ'ର ତୃତୀୟ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଶ୍ରୀ ହୁଗୁଲାଙ୍କ ଏକ ଯୋଗାସନ ସହ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ ସଞ୍ଚାଳନାରେ 'ଜୀବନର ଗପ, ଗପର ଜୀବନ' ଆଲୋଚନାଚକ୍ରରେ ଶୁଭନାରାୟଣ ସ୍ୱାଇଁ, ଡ. ସୁବ୍ରତ କୁମାର ସେନାପତି, ସ୍ୱରୂପ ନାୟକ, ଡ. ତୃପ୍ତି ରଞ୍ଜନ ଦାସ ଓ ପ୍ରଜ୍ଞା ପାରମିତା ରଥ ଆଲୋଚନା କରିଥିଲେ। ଡ. ଅଭୟ ଦାସଙ୍କ ସଞ୍ଚାଳନାରେ 'ପ୍ରେମ ଓ ଜାଗର: ଜାଗରଣ ହିଁ ପ୍ରେମ' ଶୀର୍ଷକ ଆଲୋଚନାଚକ୍ରରେ ଡ. ବିଶ୍ୱରଞ୍ଜନ ଦାସ, ଡ. ରାଧାରାଣୀ ମହାପାତ୍ର, ଗଙ୍ଗାଧର ବିଶ୍ୱାଳ ଓ ଅତୁଲ ବଳ ଭାଗ ନେଇଥିଲେ। ଅନ୍ତର୍ଯ୍ୟାମୀ ମିଶ୍ର, ସୁମିତ୍ ପଣ୍ଡା ଓ କାମଦେବ ମହାରଣାଙ୍କ ସଞ୍ଚାଳନାରେ ଆୟୋଜିତ 'ପ୍ରେମ ଓ ଜାଗର' ଶୀର୍ଷକ କବିତା ଉଚ୍ଚାରଣ କାର୍ଯ୍ୟକ୍ରମରେ କବିତାପାଠ କରିଥିଲେ ଅତିଥି କବି ଡ. ପ୍ରଭାତ ନଳିନୀ ମହାପାତ୍ର, ପବିତ୍ର ମୋହନ ଦାଶ, କିଶୋର ପାଣିଗ୍ରାହୀ, ଉତ୍ପଳ ମହାନ୍ତି, ଗୌରୀ ସାହୁ, ଅଙ୍ଗୁରବାଳା ପରିଡ଼ା, ମାନମୟୀ ରଥ, ଶ୍ରୀଦେବ, ସୁଚିତ୍ରା ପାଣିଗ୍ରାହୀ, ବିଚିତ୍ରାନନ୍ଦ ଜେନା, ମନୋଜ ଭଳ, ମନୀଷା ବିଶ୍ୱାଳ, ଜିତୁ ପ୍ରଧାନ, ପ୍ରୀତିପଦ୍ମା ଦାସ, କ୍ଷୀରୋଦିନୀ ବେହେରା, ସତ୍ୟଜିତ୍ ଦାସ, ପ୍ରତିଭା ଖିଲାର ଓ ସଞ୍ଜୁକ୍ତା ବଳ। ଏହି କାର୍ଯ୍ୟକ୍ରମରେ ମଞ୍ଚ ଉପରେ ଏକ ଆକର୍ଷଣୀୟ ଚିତ୍ର ଆଙ୍କିଥିଲେ ସମସାମୟିକ ଶିଳ୍ପୀ ବିରେନ୍ଦ୍ର ପାଣି। କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ଆୟୋଜିତ 'ଗପ ପଛର ଗପ' ଶୀର୍ଷକ ଆଲୋଚନାଚକ୍ରରେ ରଜନୀକାନ୍ତ ମହାନ୍ତି, ଡ. ରାଧାବିନୋଦ ନାୟକ, ଝରଣା ପଟ୍ଟନାୟକ, ପ୍ରଶାନ୍ତ କୁମାର ଦାସ ଓ ସଂଗ୍ରାମକେଶରୀ ସେନାପତି ନିଜ ନିଜର ଗପ ପଛରେ ଥିବା ପ୍ରେରଣା ବାବଦରେ ଆଲୋଚନା କରିଥିଲେ। ଶୈଳେନ୍ଦ୍ର ମହାପାତ୍ର ଏହି ଆଲୋଚନାଚକ୍ରର ସମୀକ୍ଷା କରିଥିଲେ। ଶ୍ରୀଗୋବିନ୍ଦଙ୍କ ସଞ୍ଚାଳନାରେ 'ନାଟକରେ ନାଟକୀୟତା: ସତର ଢାଙ୍କୁଣୀ' ଶୀର୍ଷକ ଆଲୋଚନାଚକ୍ରରେ ଗପସପ କରିଥିଲେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଲାଲା ବିରେନ୍ ରାୟ ଓ ଅମିତାଭ ଖିଲାର। ଅପରାହ୍ଣରେ ଖ୍ୟାତନାମା କଣ୍ଠଶିଳ୍ପୀ ଶେଖର ଘୋଷ ଭଜନ ସହ 'ହୃଦୟର ଏହି ଶୂନ୍ୟତାକୁ...' ପରିବେଷଣ କରିଥିଲେ। ଏହାପରେ ଟାଇମ୍‌ପାସ୍ ଦ୍ୱାରା ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖିକା ଡ. ପ୍ରତିଭା ରାୟଙ୍କ ଉପରେ ନିର୍ମିତ ବୃତଚିତ୍ର ପ୍ରଦର୍ଶିତ ହୋଇଥିଲା ଏବଂ ଡ. ରାୟଙ୍କୁ ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ ପୁରସ୍କାର, ଦାଶ ବେନହୁରଙ୍କୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଗଳ୍ପ ପୁରସ୍କାର, ଡ.ଅପର୍ଣ୍ଣା ମହାନ୍ତିଙ୍କୁ କବିଶେଖର ଚିନ୍ତାମଣି ମହାନ୍ତି କବିତା ପୁରସ୍କାର, ଶେଖର ଘୋଷଙ୍କୁ ମନମୋହନ ସାବତ ସଙ୍ଗୀତ ପୁରସ୍କାର, ସବ୍ୟସାଚୀ ମହାପାତ୍ରଙ୍କୁ ନୀରଦ ମହାପାତ୍ର ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସ୍ୱରୂପ ପ୍ରତ୍ୟେକଙ୍କୁ ଉତ୍ତରୀୟ, ସମ୍ମାନଫଳକ ସହିତ ୧୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରଶାନ୍ତ କୁମାର ଦାସ ଓ ଝଙ୍କାର ପତ୍ରିକାର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତିଙ୍କୁ ସାହିତ୍ୟ ସଖା ସମ୍ମାନ ପ୍ରଦାନ କରାଯାଇଥିଲା। ଗାଳ୍ପିକ ରାଧାବିନୋଦ ନାୟକଙ୍କ 'ଶ୍ରେଷ୍ଠ ଗଳ୍ପ' ପୁସ୍ତକ ଡ. ରାୟଙ୍କ ହାତରେ ପାଠକାର୍ପଣ ପରେ ତାଙ୍କ ଝିଅ ଲିପିପୁଷ୍ପା ନାୟକ ଗାଳ୍ପିକଙ୍କ ବିଷୟରେ ଅନୁଭୂତି ବଖାଣିଥିଲେ। କାର୍ଯ୍ୟକ୍ରମର ଦିଗ୍‌ଦର୍ଶକ ଡ. ବିକାଶ ନାରାୟଣ ନନ୍ଦ, ବାସୁଦେବ ବାରିକ, ପୂର୍ଣ୍ଣଚନ୍ଦ୍ର ବହଳୀ, ପ୍ରମୋଦ ରାୟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ପର୍ବରେ ଡ. ପ୍ରତିଭା ରାୟ ଓ ବ୍ୟଙ୍ଗକବି ଜ୍ଞାନ ହୋତାଙ୍କ ସହ ଆଳାପ କରିଥିଲେ ସଭାପତି ପବିତ୍ର ପାଣିଗ୍ରାହୀ ଓ ନିର୍ଦ୍ଦେଶକ ସରୋଜ ବଳ। ଏହି ଉତ୍ସବର ପରିଚାଳନାରେ ତିଳୋତ୍ତମା ବଳ, ସମାସ ବଳ, ଅଂଶୁମାନ ପଣ୍ଡା, କୈଳାଶ ବେହେରା, ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୧୯୭୯ ବ୍ୟାଚ୍‌ର ବନ୍ଧୁ ମିଳନ



ଦୋଳସାହି,୧୫।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୭୯ ବ୍ୟାଚ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର ରଞ୍ଜନ ତରାଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ପରିଚୟ ଆଦାନପ୍ରଦାନ ହୋଇଥିଲାବେଳେ ଜୟନ୍ତୀ ତ୍ରିପାଠୀ ଘରୁ ତିଆରି କରି ଆଣିଥିବା ପୋଡ଼ପିଠା, ଘି ପିଠା ବନ୍ଧୁମାନଙ୍କ ମନମୋହିଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ବନ୍ଧୁମାନଙ୍କ ମଧ୍ୟରେ ସଂଗୀତ ଗାନ ପ୍ରତିଯୋଗିତା ହେବା ସହ ପ୍ରାର୍ଥନା ଗାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁକୁମାର ପତି, ଜଗନ୍ନାଥ କୁଅଁର, ସୁରେନ୍ଦ୍ର ବେହେରା, ଉମାକାନ୍ତ ସାହୁ, ସାନ୍ତନୁ ପଣ୍ଡା, ବିଜୟ ନାୟକ, ଅଜୟ ମିଶ୍ର, ଅଜୟ ନାଥ, ଦୀନ ନାୟକ, ଚନ୍ଦ୍ରଭୂଷଣ ଦୀକ୍ଷିତ, ମଞ୍ଜୁଲତା ସେନାପତି, ଜୟନ୍ତୀ ମହାପାତ୍ର, ବାସନ୍ତୀ ବେହେରା, ଦିବାକର ବିଶ୍ୱାଳ, ପ୍ରତାପ ନାୟକ, ରାଜ ବେହେରା, ମନୋଜ ନାୟକ, ଅରୁଣ ଓଝା, କିଶୋର ବେହେରା, ସରୋଜ ତ୍ରିପାଠୀ, ସାଧୁଆ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ମାନସ ବସନ୍ତରାୟ, ଅନନ୍ତ ବେହେରା, ଅମୂଲ୍ୟ ବେହେରା, କୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

